ବର୍ଷ-୨୬, ସଂଖ୍ୟା-୩୦୩
ଭୁବନେଶ୍ୱର
ନଭେମ୍ବର, ୧୩, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 303
Bhubaneswar
November, 13, 2026, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମହଙ୍ଗା ହେଲା ବସ୍ ଯାତ୍ରା


ଭୁବନେଶ୍ୱର, ୧୨।୧୧ (ମହାଭାରତ): ପ୍ରାୟ ୫ମାସର ବ୍ୟବଧାନରେ ପୁଣିଥରେ ରାଜ୍ୟରେ ବସ୍ ଯାତ୍ରା ମହଙ୍ଗା ହେଲା। ରାଜ୍ୟରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ବସଗୁଡ଼ିକର ଆଜି ଆନୁଷ୍ଠାନିକ ଭଡ଼ା ବୃଦ୍ଧି ହୋଇଛି। ସବୁ ବର୍ଗର ବସଗୁଡ଼ିକରେ କିମି ପିଛା ୮ପଇସାରୁ ୬୮ପଇସା ପର୍ଯ୍ୟନ୍ତ ଭଡ଼ା ବଢ଼ିଛି। ଶେଷଥର ପାଇଁ ଜୁନ୍ ମାସରେ ରାଜ୍ୟରେ ଯାତ୍ରୀବାହୀ ବସ୍ ଭଡ଼ା ବୃଦ୍ଧି ହୋଇଥିଲା।

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ ବିଭିନ୍ନ ବର୍ଗର ଯାତ୍ରୀବାହୀ ବସ୍ ଭଡ଼ାରେ କିମି ପିଛା ୮ ପଇସାରୁ ୬୮ ପଇସା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ଓ ଦୁଇଟି ନୂଆ ବର୍ଗର ବସଭଡ଼ାକୁ ମଧ୍ୟ ସାମିଲ କରାଯାଇଛି।

ବିଜ୍ଞପ୍ତି ଅନୁସାରେ, ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୨୬ ପଇସା ବଢ଼ି ୧ ଟଙ୍କା ୧୮ ପଇସା ହୋଇଛି।

ସେହିପରି ଏକ୍ସପ୍ରେସ୍ ବସଭଡ଼ା କିମି ପିଛା ୨୮ ପଇସା ବୃଦ୍ଧି ପାଇ ୧ ଟଙ୍କା ୨୪ ପଇସା ହୋଇଥିବାବେଳେ ଡିଲକ୍ସ ବସଭଡ଼ା ୮ପଇସା ବଢ଼ି ୧ ଟଙ୍କା ୪୧ ପଇସା ହୋଇଛି। ଶୀତତାପ ନିୟନ୍ତ୍ରିତ ଡିଲକ୍ସ ବସ୍ ଭଡ଼ା କିମି ପିଛା ୩୬ ପଇସା ବୃଦ୍ଧି ପାଇ ୧ ଟଙ୍କା ୯୯ ପଇସା ହୋଇଥିବାବେଳେ ସୁପର ପ୍ରିମିୟମ୍ ବସଭଡ଼ା ସର୍ବାଧିକ ୬୮ ପଇସା ବଢ଼ି ୩ ଟଙ୍କା ୨୧ ପଇସା ହୋଇଛି। ଏହାବ୍ୟତୀତ ସରକାର ଦୁଇଟି ନୂଆ ବର୍ଗ ଯୋଡ଼ି ସେମି ଡିଲକ୍ସ ବସ୍ ପାଇଁ କିମି ପିଛା ୧ ଟଙ୍କା ୩୦ ପଇସା ଓ ସୁପର ପ୍ରିମିୟମ୍ ସମ୍ପୂର୍ଣ୍ଣ ଶୟନଯାନ ଶୀତତାପ ନିୟନ୍ତ୍ରିତ ବସ୍ ପାଇଁ ଯାତ୍ରୀ ବା ବେଡ୍ ପିଛା କିମିକୁ ୪ ଟଙ୍କା ୬୧ ପଇସା ନିର୍ଦ୍ଧାରଣ କରିଛନ୍ତି । ଏହି ସର୍ବାଧିକ ଦେୟଯୋଗ୍ୟ ଭଡ଼ା ବ୍ୟତୀତ ଅଧିକ ପରିମାଣର ଭଡ଼ା ଯାତ୍ରୀଙ୍କଠୁ କୌଣସି ବସ୍ ମାଲିକ ବା କର୍ମଚାରୀ ଆଦାୟ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି।

ଭଡ଼ା ବୃଦ୍ଧି ସତ୍ତ୍ୱେ ସମାଜର ବିଶେଷ ବର୍ଗର ଯାତ୍ରୀମାନଙ୍କ ପାଇଁ ଥିବା ରିହାତି ବ୍ୟବସ୍ଥା ପୂର୍ବଭଳି ସୁରକ୍ଷିତ ରହିଛି। ବିଜ୍ଞପ୍ତି ଅନୁଯାୟୀ, ଏଚଆଇଭି ଓ ଏଡସ



ଆକ୍ରାନ୍ତ, ସମ୍ପୂର୍ଣ୍ଣ ଦୃଷ୍ଟିହୀନ, ମାନସିକ ଅନଗ୍ରସର, ୫୦ରୁ ୧୦୦ % ଅସ୍ଥିଶଲ୍ୟ ଭିନ୍ନକ୍ଷମ ଓ ଶତପ୍ରତିଶତ ଶ୍ରବଣବାଧିତ ବ୍ୟକ୍ତିମାନେ ଉଭୟ ସରକାରୀ ଓ ଘରୋଇ ବସରେ ଶତପ୍ରତିଶତ ମାଗଣାରେ ଯାତ୍ରା କରିପାରିବେ।ଯାତ୍ରୀଙ୍କ ସ୍ୱାର୍ଥ ରକ୍ଷା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାର କେତେକ କଡ଼ା ନିୟମାବଳୀ ମଧ୍ୟ ଲାଗୁ କରିଛନ୍ତି। ନୂଆ ନିୟମ ଅନୁସାରେ, ପ୍ରତ୍ୟେକ ଯାତ୍ରୀ ନିଜ ସାଙ୍ଗରେ ୧୫ କିଲୋ ପର୍ଯ୍ୟନ୍ତ ମାଗଣା ଲଗେଜ୍ ବା ଜିନିଷପତ୍ର ନେଇପାରିବେ ଓ ଏହାଠାରୁ ଅଧିକ ପ୍ରତି ୨୦ କିଲୋ ଓଜନ ପାଇଁ କିମି ପିଛା ୭ପଇସା ହିସାବରେ ଅତିରିକ୍ତ ଦେୟ ଦେବାକୁ ପଡ଼ିବ। ଭଡ଼ା ହିସାବ ସମୟରେ ୫୦ ପଇସାରୁ କମ୍ ଅର୍ଥକୁ ବାଦ୍ ଦିଆଯିବ ଓ ୫୦ ପଇସା କିମ୍ବା ତା'ଠାରୁ ଅଧିକ ହେଲେ ପରବର୍ତ୍ତୀ ପୂର୍ଣ୍ଣ ଟଙ୍କା ଭାବେ ଗଣନା କରାଯିବ।

ପ୍ରତ୍ୟେକ ବସ୍ ଭିତରେ ଏକ ସ୍ପଷ୍ଟ ଦୃଶ୍ୟମାନ ସ୍ଥାନରେ ବସର ବର୍ଗ, କିମି ପିଛା ଭଡ଼ା ଓ ଉପଲବ୍ଧ ରିହାତି ସମ୍ପର୍କିତ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ କରାଯାଇଛି। କେବଳ ନିୟମ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ଓ ଅନୁମତିପ୍ରାପ୍ତ ଗାଡ଼ିଗୁଡ଼ିକ ହିଁ ସେମି ଡିଲକ୍ସ ଓ ସୁପର ପ୍ରିମିୟମ୍ ସମ୍ପୂର୍ଣ୍ଣ ଶୟନଯାନ ଭଡ଼ା ଆଦାୟ କରିପାରିବେ, କେବଳ ନାମ ଲେଖିଦେଇ ଅଧିକ ଭଡ଼ା ନିଆଯାଇପାରିବ ନାହିଁ। ଏହାର ସଠିକ୍ କାର୍ଯ୍ୟକାରିତା ତଦାରଖ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଂଚଳିକ ପରିବହନ ପ୍ରାଧିକରଣଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଭବିଷ୍ୟତରେ ଇନ୍ଧନ ଦର ବୃଦ୍ଧି ବା ହ୍ରାସ ଅନୁଯାୟୀ ସ୍ୱୟଂଚାଳିତ ଭଡ଼ା ସଂଶୋଧନ ନିର୍ଦ୍ଦେଶ ଜାରି କରିବାକୁ ପରିବହନ କମିଶନରଙ୍କୁ କ୍ଷମତା ଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଦୂରଗାମୀ ଯାତ୍ରୀ, ବିଶେଷକରି ପ୍ରିମିୟମ୍ ଓ ଶୟନଯାନ ବସରେ ଯାତ୍ରା କରୁଥିବା ଲୋକଙ୍କ ପକେଟ୍ ଉପରେ ଅଧିକ ବୋଝ ପଡ଼ିବ । ସରକାରଙ୍କ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଭଡ଼ା ନେଉଥିବା ବସ୍ ମାଲିକ ବା କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି।

୧୪ରେ ବଣ୍ଟାଯିବ ୨.୯୧ଲକ୍ଷ ଆବାସ ଘର

ଭୁବନେଶ୍ୱର, ୧୨।୧୧ (ମହାଭାରତ): ରାଜ୍ୟର ଗରିବ ଓ ବାସହୀନ ପରିବାରଙ୍କ ପାଇଁ ଖୁସି ଖବର। ଆସନ୍ତା ୧୪ତାରିଖ ଶନିବାର ରାଜ୍ୟବାସୀଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଏହି ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଏନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, , ପୂର୍ବରୁ ସଠିକ୍ ତାଲିକା ନଥିବା କାରଣରୁ ଅନେକ ପ୍ରକୃତ ହିତାଧିକାରୀ ପକ୍କା ଘର ପାଇବାରୁ ବଂଚିତ ହୋଇ ରହିଥିଲେ। ତେବେ ବର୍ତ୍ତମାନର ସରକାର ଦାୟିତ୍ୱ ନେବାପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି 'ଆବାସ+ ୨୦୨୪' ମାଧ୍ୟମରେ ଅନଲାଇନ୍ ସର୍ଭେ କରିଥିଲେ, ଯେଉଁଥିରେ ପ୍ରାୟ ଦେଢ଼ ବର୍ଷ ଭିତରେ ୩୭ ଲକ୍ଷରୁ ଅଧିକ ଲୋକ ପଞ୍ଜିକୃତ ହୋଇଛନ୍ତି।ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପିଏମଆବାସରେ ରାଜ୍ୟକୁ ୪ଲକ୍ଷ ଘର ମିଳିସାରିଥିବାବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମଧ୍ୟ ୫ ଲକ୍ଷ ଘର ଯୋଗାଇ ଦିଆଯାଉଛି। ଏବେ 'ଆବାସ+ ୨୦୨୪' ସର୍ଭେ ତାଲିକାରୁ ଅତିରିକ୍ତ ଭାବେ ଆଉ ୨ ଲକ୍ଷ ୯୧ ହଜାର ୬୬୬ଟି ଘର ଆସନ୍ତା ୧୪ ତାରିଖରେ ଆବଣ୍ଟନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ ଶୀଘ୍ର ଗୃହନିର୍ମାଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ ଅବଧିରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କଲେ ଯେଉଁ ୨୦ହଜାର ଟଙ୍କା ମିଳୁଥିଲା ତାକୁ ରାଜ୍ୟ ସରକାର ୩୫ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ରାଜ୍ୟର ଲକ୍ଷାଧିକ ଗରିବ ପରିବାର ନିଜର ପକ୍କାଘର ସ୍ୱପ୍ନ ପୂରଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।ଅନ୍ୟପକ୍ଷରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସବୁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀମାନଙ୍କୁ ଚିଠି ଲେଖି ୧୪ତାରିଖ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ, ବ୍ଲକ ଓ ପଂଚାୟତସ୍ତରରେ ସାଧାରଣ ଲୋକେ ଯେପରି ଏହି କାର୍ଯ୍ୟକ୍ରମକୁ ଦେଖିପାରିବେ, ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରିବାକୁ କୁହାଯାଇଛି ।

ମହଙ୍ଗା ମାଡ଼: ଆରବିଆଇ ସୀମା ରେଖା ଡେଇଁଲା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୨।୧୧ (ମହାଭାରତ): ଦେଶରେ ନୈନ୍ଦିନ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର ଦର ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ ଆଉଟ ପାଉଟ ଲୋକ। ଲୋକଙ୍କ ମାସିକ ଗ୍ରୋସରୀ ବିଲ୍ ଆଗକୁ ଆହୁରି ବଢ଼ିବ। ସ୍ଥିତି ଏପରି ହୋଇଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସୁରକ୍ଷିତ ସୀମାକୁ ମଧ୍ୟ ଅତିକ୍ରମ କରାଯାଇଛି।ଅକ୍ଟୋବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ଛୁଇଁଛି। ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୫.୫୪% ରହିଥିଲା। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅକ୍ଟୋବରରେ ୬.୦୫% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଦ୍ରାସ୍ଫୀତି ଉପରେ ସବୁଠାରୁ ବଡ଼ ଚାପ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧିର ପଡ଼ିଛି। ଖାଦ୍ୟ ମୁଦ୍ରାସ୍ଫୀତି ସିଧା ୮.୯୪% ରହିଛି। ଖାଦ୍ୟ ସହ ପାନୀୟ ମୁଦ୍ରାସ୍ଫୀତିକୁ ଦେଖିଲେ ଏହା ସିଧା ୮.୫୧%ରେ ପହଞ୍ଚି ଯାଇଛି। ସେପ୍ଟେମ୍ବରରେ ଏହା ୭.୩୬% ରହିଥିଲା।ପିଆଜ, ରସୁଣ ଓ ଅଦା ଭଳି ସବୁ ଜିନିଷ ମହଙ୍ଗା ହୋଇଛି। ପରିବହନ ମୁଦ୍ରାସ୍ଫୀତି ଅକ୍ଟୋବରରେ ୫.୮୪% ରହିଥିବାରୁ ଲୋକଙ୍କ ଘର ଖର୍ଚ୍ଚକୁ ମଧ୍ୟ ଏହା ପ୍ରଭାବିତ କରିଛି। ସର୍ବାଧିକ ଦରବୃଦ୍ଧି ବ୍ୟକ୍ତିଗତ ଯତ୍ନ ସାମଗ୍ରୀ ଓ ରେଷ୍ଟୁରାଣ୍ଟ ସେବାରେ ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଯତ୍ନ ସାମଗ୍ରୀର ମୁଦ୍ରାସ୍ଫୀତି ୧୦.୧୪% ଓ ରେଷ୍ଟୁରାଣ୍ଟ ସେବାର ମୁଦ୍ରାସ୍ଫୀତି ୧୦.୦୬% ରହିଛି। ପାନ, ତମାଖୁ ଓ ନିଶାଦ୍ରବ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୪.୮୦% ଥିବା ବେଳେ ଅକ୍ଟୋବରରେ ୪.୯୩% କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଏହା ୪.୭୦% ଓ ସହରାଞ୍ଚଳ ୫.୪୨% ରହିଛି।କପଡ଼ା ଓ ଜୋତା ମୁଦ୍ରାସ୍ଫୀତି ଅକ୍ଟୋବରରେ ୪.୯୬% ହୋଇଛି। ଗୃହ, ଜଳ, ବିଦ୍ୟୁତ୍ ଓ ଇନ୍ଧନ ମୁଦ୍ରାସ୍ଫୀତି ୨.୯୦%, ଘରୋଇ ଉପକରଣ ଓ ରକ୍ଷଣାବେକ୍ଷଣ ମୁଦ୍ରାସ୍ଫୀତି ୩.୯୪%, ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୧.୪୦%, ସୂଚନା ଓ ଯୋଗାଯୋଗ ମୁଦ୍ରାସ୍ଫୀତି ୩.୧୬%, ମନୋରଞ୍ଜନ, କ୍ରୀଡ଼ା ଓ ସଂସ୍କୃତି ମୁଦ୍ରାସ୍ଫୀତି ଅକ୍ଟୋବରରେ ୨.୫୨% ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମ ବୃଦ୍ଧିର ପ୍ରଭାବ କମ ହୁଏ।

ମୋବାଇଲ ଶିକ୍ଷା ଆହରଣର ମାଧ୍ୟମ, ମନୋରଞ୍ଜନର ନୁହେଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧୧ (ମହାଭାରତ): ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସ୍ୱପ୍ନ, ସୃଜନଶୀଳତା ଏବଂ ଅସୀମ ସମ୍ଭାବନାର ଏକ ମହାମିଳନ ଭାବେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬" ଆଜି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ

୧୬୫ କୋଟି ବିନିଯୋଗରେ ରାଜ୍ୟର ୮୦୭ ବିଦ୍ୟାଳୟରେ ଅତ୍ୟାଧୁନିକ ରୋବୋଟିକ୍ସ ଲ୍ୟାବ୍ ଉଦଘାଟିତ

ଉଦଘାଟିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ରାଜ୍ୟସ୍ତରୀୟ ସମାରୋହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି।

ଏହି ଗୌରବମୟ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ଶିକ୍ଷକ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ସମେତ ନବରଙ୍ଗପୁର, କଟକ, କଳାହାଣ୍ଡି ଜିଲ୍ଲାକୁ ସମ୍ମାନଜନକ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରିବା ସହିତ ମାତୃଭାଷା ଓଡ଼ିଆର ପ୍ରଚାର ଓ ପ୍ରସାର ପାଇଁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ବିତରଣ କରିଛନ୍ତି। ଏଥିସହିତ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ନିମନ୍ତେ 'ନିପୁଣ ଆପ୍'ର ଲୋକାର୍ପଣ ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ସହ ଯୋଡ଼ିବା ପାଇଁ ରାଜ୍ୟର ୮୦୭ଟି ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିପାଇଁ ୧୬୪.୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି। ଚଳିତ ବର୍ଷର ରାଜ୍ୟସ୍ତରୀୟ 'ସୁରଭି-୨୦୨୬' ମହୋତ୍ସବରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏକାଧିକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅନ୍ତର୍ଗତ ୨୦୨୪ ଏବଂ ୨୦୨୫ ବର୍ଷର ତାଲିକାକୁ ମିଶାଇ ମୋଟ୍ ୩୭୫ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଛି। ସମଗ୍ର ରାଜ୍ୟରେ ବ୍ଲକ୍ ସ୍ତରଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହି ପୁରସ୍କାର ଯୋଜନାରେ ମୋଟ୍ ୧୩୮ କୋଟି ୯୭



ଲକ୍ଷ ୭୮ ହଜାର ୯୫୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି।

ସେହିପରି ମାତୃଭାଷା ଓଡ଼ିଆ ଅଧ୍ୟୟନରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ସମଗ୍ର ରାଜ୍ୟର ୭,୩୫୦ ଜଣ ମେଧାବୀ ଛାତ୍ରଛାତ୍ରୀ ପ୍ରତ୍ୟେକଙ୍କୁ ବାର୍ଷିକ ୭,୫୦୦ ଟଙ୍କା 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ପ୍ରଦାନ କରାଯାଉଥିବା ବେଳେ ଆଜି ମଞ୍ଚରେ ୧୦ ଜଣ କୃତୀ ଛାତ୍ରଛାତ୍ରୀ ଏବଂ ୪ ଜଣ ସିଏଚ୍ଏସ୍ଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ପୁସ୍ତକଗତ ଜ୍ଞାନରୁ ଊର୍ଦ୍ଧ୍ୱକୁ ନେଇ ପ୍ରୟୋଗାତ୍ମକ ବିଜ୍ଞାନ ସହ ଯୋଡ଼ିବା ଉଦ୍ଦେଶ୍ୟରେ ୮୦୭ଟି ବିଦ୍ୟାଳୟରେ ଅତ୍ୟାଧୁନିକ ରୋବୋଟିକ୍ସ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି, ଯେଉଁଠାରେ ଷଷ୍ଠରୁ ଦଶମ ଶ୍ରେଣୀର ପିଲାମାନେ ରୋବୋଟିକ୍ସ, କୋଡିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି ବୈଷୟିକ ଶିକ୍ଷା ଲାଭ କରିପାରିବେ।ଏହି ଯୋଜନା ଅଧୀନରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍ରୁ ୨୦ ଜଣ, ପ୍ରତ୍ୟେକ ମହାନଗର ନିଗମରୁ ୨୦ ଜଣ, ପୌରପାଳିକାରୁ ୧୦ ଜଣ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ (ଘଉଉ)ରୁ ୫ ଜଣ ଲେଖାଏଁ କୃତୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।ସେ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଛି। ଛୋଟ ପିଲାମାନଙ୍କ ଶିକ୍ଷା ଆରମ୍ଭ ପାଇଁ 'ଶିଶୁ ବାଟିକା' ଖୋଲାଯିବା ସହ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରତିଷ୍ଠା କରାଯାଉଛି। ଏଥିସହିତ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ କେଜି ରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁ ଯେପରି ପଢ଼ିବା, ଲେଖିବା ଓ ମୌଳିକ ଗଣିତ ଦକ୍ଷତା ହାସଲ କରିପାରିବେ, ସେଥିପାଇଁ 'ନିପୁଣ ଓଡ଼ିଶା' ମିଶନ ଏବଂ ଆଜି ଲୋକାର୍ପିତ ହୋଇଥିବା 'ନିପୁଣ ଆପ୍' ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ଓ ଶିକ୍ଷାର୍ଥୀମାନଙ୍କ ବ୍ୟକ୍ତିଗତ ଦକ୍ଷତା ଆକଳନ କ୍ଷେତ୍ରରେ ଏକ ବଳିଷ୍ଠ ମାଧ୍ୟମ ସାଜିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଡିଜିଟାଲ୍ ତାରତମ୍ୟକୁ ଦୂର କରିବା ପାଇଁ ୮୦୭ଟି ବିଦ୍ୟାଳୟରେ ଖୋଲାଯାଇଥିବା ରୋବୋଟିକ୍ସ ଲ୍ୟାବ୍ଗୁଡ଼ିକରେ ଚାରୋଟି ଲେଖାଏଁ ରୋବୋଟ୍, ରୋବୋଟିକ୍ସ କିଟ୍, କମ୍ପ୍ୟୁଟର ଓ ଥ୍ରୀ-ଡି ପ୍ରିଣ୍ଟିଂ ସୁବିଧା ଉପଲବ୍ଧ କରାଯାଇଛି, ଯାହାଦ୍ୱାରା ପିଲାମାନେ ୧୦୦ରୁ ଅଧିକ ଅଭିନବ ପ୍ରକଳ୍ପ ଉପରେ କାର୍ଯ୍ୟ କରି ନିଜକୁ ଭବିଷ୍ୟତର ଉଦ୍ଭାବକ ଭାବେ ଗଢ଼ିତୋଳିପାରିବେ।

ଚଳନ୍ତା ଟ୍ରେନରେ ଅସଦାଚରଣ

ମୁମ୍ବାଇ, ୧୨।୧୧ (ମହାଭାରତ): ମୁମ୍ବାଇ ଲୋକାଲ୍ ଟ୍ରେନରେ ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି । ଚଳନ୍ତା ଟ୍ରେନ ଭିତରେ ମହିଳା ଯାତ୍ରୀଙ୍କ ସହିତ ହୋଇଛି ଅସଦାଚରଣ । ଆଉ ଏହାକୁ ବିରୋଧ କରିବାରୁ ଟ୍ରେନରୁ ଉକ୍ତ ଯୁବତୀଙ୍କୁ ଦୁର୍ବୃତ୍ତ ଧକ୍କା ଦେଇଛନ୍ତି । ଫଳରେ ସେ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ଯୁବତୀ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଯୁବତୀ ଜଣକ ବୋରୀବଲୀରୁ ବିରାର ଅଭିମୁଖେ ଯିବାକୁ ଲୋକାଲ୍ ଟ୍ରେନରେ ଚଢ଼ିଥିଲେ। ଏହି ସମୟରେ ତାଙ୍କ ପାଖରେ ଥିବା ସହଯାତ୍ରୀ ଜଣକ ତାଙ୍କୁ ଅସଦାଚରଣ କରିବା ଆରମ୍ଭ କରିଥିଲେ । ବାରମ୍ବାର ତାଙ୍କୁ ଛୁଉଁଥିଲେ । ଏଥିରେ ଯୁବତୀ ଜଣକ ରାଗିଯାଇ ନିଜ ଗୋଡ଼ରୁ ଚପଲ ବାହାର କରି ଫିଙ୍ଗି ଥିଲେ । ଏହା ପରେ ଦୁଇ ଜଣଙ୍କ ଭିତରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ଏହା ପରେ ଉକ୍ତ ବ୍ୟକ୍ତି ଜଣକ ଓଲଟା ଗାଳି ଗୁଲଜ କରିବା ସହିତ ଯୁବତୀଙ୍କ ଉପରକୁ ନିଜ ଚପଲ ଫିଙ୍ଗି ଥିଲେ ।

ଗୋପାଳପୁରରେ ହେବ ପ୍ରଥମ ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ

ଭୁବନେଶ୍ୱର୧୨।୧୧ (ମହାଭାରତ): ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ସମୁଦ୍ର ତଟରେ ରାଜ୍ୟର ପ୍ରଥମ ସମୁଦ୍ରରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ (ଲବଣମୁକ୍ତ ଜଳ ପ୍ରକଳ୍ପ) ସରକାରୀ-ଘରୋଇ ସହଭାଗିତା (ପିପିପି) ରେ ନିର୍ମାଣ ହେବ। ଏଥିପାଇଁ ଇଡକୋ, ଆଇଏଫସି ଏବଂ ପିପିପି ସେଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ସରକାରୀ ଓ ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପ ପାଇଁ ଭିତ୍ତିଭୂମି ସମ୍ପର୍କିତ କ୍ଷମତାସମ୍ପନ୍ନ କମିଟି(ଇସିଆଇ)ର ୬୬ତମ ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ଅବସରରେ ଆଇଏଫସିର ଦକ୍ଷିଣ ଏସିଆ ଅଞ୍ଚଳର ପିପିପି କାରବାର ପରାମର୍ଶ ସେବା ବିଭାଗର ପରିଚାଳକ କମଲ ଡୋରାବାଡ଼ିଲା ନିଜ ଅଭିଭାଷଣରେ କହିଥିଲେ, ଓଡ଼ିଶାକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ନିବେଶ ସୁଯୋଗର ଏକ ରଣନୈତିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଆଇଏଫସିର ସମଗ୍ର ଟିମ୍ ଏକାଗ୍ରତାର ସହ କାର୍ଯ୍ୟ କରୁଛନ୍ତି । ଆଇଏଫସି ସହଯୋଗର ଅଂଶସ୍ୱରୂପ ଚିହ୍ନଟ କରାଯାଇଥିବା ମୋଟ ୧୧ଟି ପ୍ରକଳ୍ପକୁ କମିଟି ପକ୍ଷରୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ପ୍ରାୟ ୧୫,୪୯୮ କୋଟି ଟଙ୍କା । ଏଥିସହ ପ୍ରାୟ ୮୩୧.୬୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ଅନ୍ୟ ୫ଟି ନୂତନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି । ଏହା ବ୍ୟତୀତ, ପ୍ରାୟ ୨୮,୭୬୪.୨୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ୨୮ଟି ଚାଲୁ ରହିଥିବା ପିପିପି ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା । ୨୦୫୦ ସୁଦ୍ଧା ଚିଲିକା ଏବଂ ପୁରୀରେ ୫୫ ସେମି ବଢ଼ି ଯିବ ସମୁଦ୍ର ଜଳସ୍ତର ବୈଠକରେ ମୁଖ୍ୟ ଶାସନ ସଚିବ କହିଲେ, ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି) ସହ ବର୍ତ୍ତମାନର ସହଯୋଗ ଅନୁଯାୟୀ, ସହରାଞ୍ଚଳରେ ସୁଲଭ ଗୃହ ନିର୍ମାଣ, ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ର ସମେତ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟି କରିପାରୁଥିବା ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପଗୁଡ଼ିକର ଏକ ସୁସଂଗଠିତ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ।

କାର୍ତ୍ତିକ ବ୍ରତ ମା'ମାନଙ୍କ ସହନଶୀଳତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

ପୁରୀ, ୧୨।୧୦ (ମହାଭାରତ): ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଓ ଭକ୍ତିର ଅପୂର୍ବ ସଙ୍ଗମ ହେଉଛି କାର୍ତ୍ତିକ ମାସ। ମା'ମାନେ ସୁରୁଖୁରୁରେ ବ୍ରତ ସମାପନ ପାଇଁ ସରକାର ପ୍ରାଧାନ୍ୟ ଦେଇଛନ୍ତି। ତିନି ହବିଷ୍ୟାଳି କେନ୍ଦ୍ରରେ ୨୬୫୮ ଜଣ ମା'ମାନେ ବ୍ରତ କରୁଥିବା ବେଳେ ଏଥିପାଇଁ ୩କୋଟି ୩୦ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ମା'ମାନେ ବ୍ରତକରି କେବଳ ନିଜର କି ପରିବାରର ନୁହେଁ, ବରଂ ସାରା ରାଜ୍ୟର ମଙ୍ଗଳ ସାଧନ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ରରେ ମା'ମାନଙ୍କ ଗହଣରେ ଉପସ୍ଥିତ ହୋଇ ଶ୍ରୀ ମାଝୀ କହିଲେ, ପ୍ରତ୍ୟେକ ବର୍ଗର ମହିଳାଙ୍କ ପ୍ରଗତି ପାଇଁ ଆମ ସରକାର ପ୍ରତିବଦ୍ଧ। ସୁଭଦ୍ରା ଯୋଜନାଠୁ ନେଇ ଲକ୍ଷପତି ଦିଦି ସୃଷ୍ଟିରେ ସମଗ୍ର ଦେଶରେ ଆମେ ସର୍ବାଗ୍ରେ ରହିଛୁ। ୨୦୨୭ ମସିହା ସୁଦ୍ଧା ୨୭ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି



କରିବା ନେଇ ଲକ୍ଷ୍ୟ ରହିଥିଲେ ହେଁ, ଗୋଟିଏ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ସାଧିତ ହୋଇସାରିଛି।ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବଜେଟରେ ୧ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ କରି ସରକାର ବରିଷ୍ଠଙ୍କ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ସୁଗମ କରିଛନ୍ତି। ସେହିପରି ବାର୍ଦ୍ଧକ୍ୟ ଭତ୍ତା ପାଇଁ କୌଣସି ବୃଦ୍ଧବୃଦ୍ଧା ଆଉ ଅପେକ୍ଷା ତାଲିକା (ୱେଟିଂ ଲିଷ୍ଟ)ରେ ରହିବେ ନାହିଁ। ବୟସ ୬୦ ଡେଇଁଲେ ଏବଂ ଯୋଗ୍ୟ ହୋଇଥିଲେ, ନିଶ୍ଚୟ ବାର୍ଦ୍ଧକ୍ୟ ଭତ୍ତା ପାଇବେ। ୧୯ ଲକ୍ଷ ଭତ୍ତା ପାଉଥିବା ବେଳେ ଆଗକୁ ଆହୁରି ୧ଲକ୍ଷ ୩୦ ହଜାର ବୃଦ୍ଧବୃଦ୍ଧା ଯୋଡ଼ିହେବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଲେ, ପୁରୀକୁ ବିଶ୍ୱସ୍ତରୀୟ ଧର୍ମୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି।

ଦର୍ଶନ ପାଇଁ ୪ ଦ୍ୱାର ଖୋଲିବା, ୫ଶହ କୋଟିର କର୍ପସ ପାଣ୍ଠି ସୃଷ୍ଟି କରିବାଠୁ ନେଇ ଆଗକୁ ପୁରୀ ସହରକୁ ବୃହତ୍ତ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ସାଂସଦ ଡାକ୍ତର ସମ୍ବିତ ପାତ୍ର କହିଲେ, ମାତୃଶକ୍ତି ହିଁ ଧର୍ମର ସ୍ଥାପନା କରିପାରିବେ।ମା' ଦୁର୍ଗାଙ୍କ ମାଧ୍ୟମରେ ଏହା ଆମକୁ ସୂଚନା ମିଳୁଛି। ମାତୃଶକ୍ତି ସର୍ବଦା ପୂଜନୀୟ। ମା'ମାନେ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟ ପାଇଁ ବ୍ରତ କରୁଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଡ. ପ୍ରିୟଙ୍କା ମାର୍ଣ୍ଣ୍ଡି, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଓ ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଏସ୍ପି ପ୍ରତୀକ ସିଂହ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ମହିଳାମାନଙ୍କୁ କାର୍ତ୍ତିକ ବ୍ରତ ଉପକରଣ ବ୍ୟାଗ ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏୟାର ଇଣ୍ଡିଆ ବିମାନକୁ ହାଇଜ୍ୟାକ୍ ଧମକ

କୋଲକାତା, ୧୨।୧୧ (ନି.ପ୍ର.): କୋଲକାତାରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନକୁ ହାଇଜ୍ୟାକ୍ କରିବାକୁ ମିଳିଥିବା ଧମକ ମାମଲାରେ ଜଣଙ୍କୁ ଗିରଫ କରାଯାଇଛି । ହାଇଜ୍ୟାକ୍ ମାମଲାରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଥିବା ନେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ପକ୍ଷରୁ ଗୁରୁବାର ଏକ ପ୍ରେସ ବିବୃତ୍ତି ଜାରି କରାଯାଇ ସୂଚନା ପ୍ରଦାନ କରାଯାଇଛି । ଗିରଫ ଯାତ୍ରୀଙ୍କୁ ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରାଯାଇଛି । ତେବେ



ତାଙ୍କର ନାମ ଓ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି । କାହିଁକି ଏଭଳି ଧମକ ଦେଇଥିଲେ ସେ ନେଇ କୌଣସି ବିସ୍ତୃତ ସୂଚନା ଦିଆଯାଇ ନାହିଁ । ବୁଧବାର ସକାଳେ ଏୟାର ଇଣ୍ଡିଆ ବିମାନ ଏଆଇ ୨୭୭୨ କୋଲକାତାରୁ ମୁମ୍ବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିବାକୁ ଥିବାବେଳେ ବିମାନ ଶୌଚାଳୟ ଭିତରେ ଏକ ହାଇଜ୍ୟାକ୍ କରିବା ଧମକ ପୂର୍ଣ୍ଣ ଚିଠି ମିଳିଥିଲା । ସକାଳ ୧୦.୩୭ ସମୟରେ କ୍ୟାବିନ୍ କ୍ରୁ ସଦସ୍ୟ ଏହାକୁ ଦେଖିବା ପରେ ତୁରନ୍ତ ସୂଚନା ଦେଇଥିଲେ । ସୁରକ୍ଷା ଦୃଷ୍ଟିରୁ ଉଡ଼ାଣକୁ ବାତିଲ କରି ସମସ୍ତ ଯାତ୍ରୀଙ୍କୁ ବାହାର କରାଯାଇଥିଲା । ସେତେବେଳେ ବିମାନରେ ୧୦୫ ଜଣ ଯାତ୍ରୀ ଥିଲେ । ଯାଞ୍ଚ ସମୟରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳିନଥିଲା । ସମସ୍ତ ସୁରକ୍ଷା ଯାଞ୍ଚ ସରିବା ପରେ ପୁଣି ଥରେ ନିର୍ଦ୍ଧାରିତ ସମୟର ୭ ଘଣ୍ଟା ପରେ ବିମାନଟି ଯାତ୍ରା ଆରମ୍ଭ କରିଥିଲା । ସନ୍ଧ୍ୟା ପ୍ରାୟ ୫ଟା ୩୮ ରେ ଉକ୍ତ ବିମାନଟି ମୁମ୍ବାଇ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା ।



ଜୀବନଚର୍ଯ୍ୟା



ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

ଚରମରେକଳିଯୁଗ !



ଜ୍ୟୋତିଷ ଶାସ୍ତ୍ର ଏବଂ ପୁରାଣ ଗ୍ରନ୍ଥଗୁଡ଼ିକରେ ଯୁଗର ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ପୌରାଣିକ ଗ୍ରନ୍ଥ ଅନୁଯାୟୀ, ଚାରୋଟି ଯୁଗ ଅଛି । ସେଗୁଡିକ ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି। କୁହାଯାଇଥାଏ କଳିଯୁଗରେ ପାପ ଶିଖରରେ ରହିବ। ବର୍ତ୍ତମାନ କଳିକାଳ ଅର୍ଥାତ କଳିଯୁଗ ଚାଲିଛି। ଏହି ଯୁଗରେ କ'ଣ ହେବ ଏବଂ କ'ଣ ଘଟିବ ତାହା ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଏଥିସହ ଏହି ଯୁଗରେ ଯେଉଁଠାରେ ପ୍ରଳୟ ହେବ ତେବେ କେବଳ ହରି କୀର୍ତ୍ତନ ହିଁ ରକ୍ଷା କରିପାରିବ। ତେବେ ଆସନ୍ତୁ ଜାଣିବା କଳିଯୁଗରେ କାହିଁକି ସାବଧାନ ରହିବାକୁ ହେବ ?

୧. ସତ୍ୟଯୁଗ- ଧାର୍ମିକ ଭାବରେ ସତ୍ୟଯୁଗରେ ଚାରି ପାଦ ଥିଲା । ସତ୍ୟଯୁଗରେ ମନୁଷ୍ୟର ଲମ୍ବ ୩୨ ଫୁଟ, ଅର୍ଥାତ୍ ପ୍ରାୟ ୨୧ ହାତ ବୋଲି ଦର୍ଶାଯାଇଛି। ଏହି ଯୁଗରେ ପାପର ମାତ୍ରା କେବଳ ୦ ପ୍ରତିଶତ। ସେହିଭଳି ପୁଣ୍ୟର ମାତ୍ରା ୧୦୦ ପ୍ରତିଶତ। ଉଲ୍ଲେଖ ରହିଛି ସତ୍ୟ ପାଇଁ ଶେଷରେ ହରିଚନ୍ଦ୍ର ମଧ୍ୟ ନିଜ ପରିବାରକୁ ବଳିଦାନ ଦେଇଥିଲେ।

୨.ତ୍ରେତୟା ଯୁଗ- ତ୍ରେତୟା ଯୁଗରେ ଧର୍ମର ତିନି ପାଦ ଥିଲା। ଏହି ଯୁଗରେ ମନୁଷ୍ୟର ଲମ୍ବ ୨୧ ଫୁଟ, ଅର୍ଥାତ୍ ପ୍ରାୟ ୧୪ ହାତ ବୋଲି କୁହାଯାଇଛି। ଏହି ଯୁଗରେ, ପାପର ପରିମାଣ ହେଉଛି ୨୫ ପ୍ରତିଶତ ଏବଂ ପୁଣ୍ୟର ପରିମାଣ ହେଉଛି ୭୫ ପ୍ରତିଶତ। ଏହି ଯୁଗରେ ବିଷ୍ଣୁ ରାମ ଅବତାର ଧାରଣ କରିଥିଲେ। ରାକ୍ଷସ ରାଜ ରାବଣଙ୍କ ଠାରୁ ସୀତାଙ୍କୁ ଅପହରଣ କରିବା ସତ୍ତ୍ୱେ ତାଙ୍କୁ ସ୍ୱର୍ଶ କରିନଥିଲେ।

୩.ଦ୍ୱାପର ଯୁଗ- ଦ୍ୱାପରରେ ଧର୍ମର କେବଳ ଦୁଇଟି ପାଦ ଥିଲା ଏହି ଯୁଗରେ ମନୁଷ୍ୟର ଲମ୍ବ ୧୧ ଫୁଟ, ଅର୍ଥାତ୍ ପ୍ରାୟ ୭ ହାତ ବୋଲି କୁହାଯାଏ। ଏହି ଯୁଗରେ, ପାପର ପରିମାଣ ୫୦ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ମଧ୍ୟ୫୦ ପ୍ରତିଶତ ଥିଲଏ। ଏହାର ଅର୍ଥ ହେଉଛି ଏହି ଯୁଗରେ ଅଧା ମଣିଷ ପାପୀ ଏବଂ ଅଧା ପୁଣ୍ୟାତ୍ମା ଥିଲେ। ଏହାବ୍ୟତୀତ ଏହି ସମୟରେ ମହାଭାରତ ଯୁଦ୍ଧ ହୋଇଥିଲା। ଏହି ସମୟରେ ଭଗବାନ କୃଷ୍ଣ ଧର୍ମକୁ ରକ୍ଷା କରିଥିଲେ।

୪. କଳିଯୁଗ- କଳିଯୁଗରେ ଦୁଇଟି ପାଦ ରହିଛି ଏବଂ ବର୍ତ୍ତମାନ ଏହିଯୁଗରେ ଧର୍ମର କୌଣସି ଚିହ୍ନବର୍ତ୍ତି ନାହିଁ। ବର୍ତ୍ତମାନ ଧର୍ମର ପକ୍ଷାଘାତ ହୋଇଯାଇଛି। ଏହି ଯୁଗରେ ମନୁଷ୍ୟର ହାରାହାରି ଲମ୍ବ ୫ ଫୁଟ୍ ୫ ଇଞ୍ଚ ଅର୍ଥାତ ପାଖାପାଖି ସାଢେ ତିନି ହାତ। ଏଥିସହ ଏହି ଯୁଗରେ ଧର୍ମର କେବଳ ଏକ ଚତୁର୍ଥ ଅଂଶ ରହିଛି। ସେହିଭଳି ପାପର ମାତ୍ରା ୭୫ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ୭୫ ପ୍ରତିଶତ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ କଳିକାଳ ଶିଖରରେ ରହିଛି। ପୂର୍ବରୁ ଉଲ୍ଲେଖ କରାଯାଇଥିବା ୨୫ ପ୍ରତିଶତ ପୁଣ୍ୟର ମାତ୍ରା ବର୍ତ୍ତମାନ ଏହା କେଉଁଠାରେ ଦେଖାଯାଉନାହିଁ। ପାଖାପାଖି ୫ ପ୍ରତିଶତ ପୁଣ୍ୟ ବଞ୍ଚି ରହିଥିବ।

ବିଳାସପ୍ରିୟ ଦେବରାଜ

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି। ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ। ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ। କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି। ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି। ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି। ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ। ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି। ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର। ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ। ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ। ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ। କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ। ସେମାନେ ହେଲେ ଯଜ୍ଞ, ବିପାଷ୍ଟିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଶାମ, ଦେବାସ୍ପତି ଏବଂ ସୁତୀ। ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ। ରଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି। ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି। ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ।) କୁହାଯାଏ। ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ରଗ୍‌ବେଦରେ ବର୍ଣ୍ଣନା କରାଯାଇଛି। ରଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ। ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ।

କେବଳ ମୁଠାଏ ଝଉଳ ବଦଳାଇଦେବ ଭାଗ୍ୟ

ଅନେକ ସମୟରେ, କଠିନ ପରିଶ୍ରମ ସତ୍ତ୍ୱେ ଆପଣ ଝହୁଁଥିବା ଫଳାଫଳ ପାଆନ୍ତି ନାହିଁ। ଏହି କାରଣରୁ, ଜୀବନରେ ଅସ୍ଥିରତା ଏବଂ ଅର୍ଥ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ରାଶିରେ ଗ୍ରହର ଦୁର୍ବଳତା ମଧ୍ୟ ଏହିପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିଲାଗି କିଛି ଉପାୟ କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଝଲନ୍ତୁ ଜାଣିବା ଝଉଳ ମାଧ୍ୟମରେ କିଛି ଏମିତି ଉପାୟ ଯାହା ଆପଣଙ୍କୁ ଏ ସମସ୍ତ ସମସ୍ୟାରୁ ମୁକ୍ତି ଦେବ।

ଦରିଦ୍ରତା ହେବ ଦୂର :ପୂଜା କିମ୍ବା କୌଣସି ଧାର୍ମିକ କାର୍ଯ୍ୟରେ ଝଉଳର ବିଶେଷ ମହତ୍ୱ ରହିଛି। ଏଥିସହିତ ଏହା ଚନ୍ଦ୍ର ସହିତ ମଧ୍ୟ ଜଡିତ। ତେଣୁ ପ୍ରତିଦିନ କପାଳରେ ଝଉଳ ତିଳକ ଲଗାନ୍ତୁ। ଏହାଦ୍ୱାରା ରାଶିଫଳରେ ଚନ୍ଦ୍ର ଶକ୍ତିଶାଳୀ ହୋଇଥାନ୍ତି । ଯାହା ଫଳରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

ଦେବୀ ଲକ୍ଷ୍ମୀ ହୋଇଥାନ୍ତି ପ୍ରଶନ୍ନ : ପୂର୍ଣ୍ଣିମା କିମ୍ବା ଯେକୌଣସି ଶୁଭ ସମୟରେ, ଲାଲ ରଙ୍ଗର ଏକ ରେଶମ କପଡ଼ାରେ ୨୧ ଗୋଟି ଝଉଳକୁ ହଳଦିରେ ରଙ୍ଗ କରି ବାନ୍ଧନ୍ତୁ। ଏହାପରେ ଦେବୀ ଲକ୍ଷ୍ମୀଙ୍କ ଆଗରେ ସେହି କପଡାକୁ ରଖନ୍ତୁ । ଦେବୀଙ୍କୁ ପୂଜା କରିବା ସହିତ କନକଧାରା ଷ୍ତୋତ୍ର ପାଠ କରନ୍ତୁ। ତା'ପରେ ସେହି କପାଟରୁ କିଛି ଝଉଳ ତୁମ ପର୍ସରେ ବାକି ଝଉଳକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହା



ଦ୍ୱାରା ଅର୍ଥର ଅଭାବ ଦୂର ହେବା ସହିତ ଦେବୀ ଲକ୍ଷ୍ମୀଙ୍କ କୃପା ରହିବ ।

ଧନ ପ୍ରାପ୍ତ ହେବ :ସୋମବାର ଅଧା କିଲୋ ଝଉଳ ନିଅନ୍ତୁ। ଯେପରି ସେହି ଝଉଳ ଭଙ୍ଗା ନଥିବ। ତା'ପରେ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଶିବଲିଙ୍ଗ ଉପରେ ୧ ମୁଷ୍ଟି ଅର୍ପଣ କରନ୍ତୁ । ଅବଶିଷ୍ଟ ଝଉଳକୁ ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । କ୍ରମାଗତ ୫ ସୋମବାରରେ ଏହି ପ୍ରତିକାର କରନ୍ତୁ । ଏହାଦ୍ୱାରା ଧନ ପ୍ରାପ୍ତ ହେବ ।

ମନକାମନା ପୂରଣ ହେବ : ଶୁକ୍ରବାର ରାତି ୧୦ ଟାରେ, ଘରର ଉତ୍ତର ଦିଗରେ ଏକ ଚୌକି ରଖି ସେଥିରେ କଳସ ସ୍ଥାପିତ କରନ୍ତୁ । କଳସରେ ସ୍ୱସ୍ତିକ୍ ଚିହ୍ନ କରି ସେଥିରେ ପାଣି, ଦୁବ, ଝଉଳ, ୧ ଟଙ୍କା ମୁଦ୍ରା ରଖନ୍ତୁ। ତା'ପରେ ଝଉଳକୁ ଏକ ଛୋଟ ଥାଳିରେ ଭର୍ତ୍ତି କରି କଳସ ଉପରେ ରଖନ୍ତୁ। ଏହାପରେ ଶ୍ରୀଯନ୍ତ୍ର ସ୍ଥାପନ କରି ଚୌମୁଖି ଦୀପ ଜାଳି ଏହାକୁ ସିନ୍ଦୁର ଏବଂ ଝଉଳରେ ପୂଜା କରି ଲକ୍ଷ୍ମୀ ଷ୍ତୋତ୍ର ପାଠ କରନ୍ତୁ। ଏହା ଦ୍ୱାରା, ଇଚ୍ଛା ପୂରଣ ହେବା ସହିତ ଆର୍ଥିକ ସମସ୍ୟା ମଧ୍ୟ ଦୂର ହେବ ।

ଜାଣନ୍ତୁ ଶୁଭ ସମୟ ପୂର୍ବରୁ ୧୪ଟି ସଙ୍କେତ ବିଷୟରେ



ଶୁଭସମୟ ଆସିବା ପୂର୍ବରୁ କିଛି ଘଟଣା ଜୀବନରେ ଘଟିଥାଏ। ଯାହା ଭଲ ସମୟ ଆରମ୍ଭ ହେବାର ସଙ୍କେତ ଦେଇଥାଏ। ଯଦି ସେହି ସଙ୍କେତ ସକାଳ ସମୟରେ ଦେଖାଯାଉଛି, ତେବେ ସୌଭାଗ୍ୟର ଦରଜା ଆପଣଙ୍କ ପାଇଁ ଖୋଲିବାକୁ ଯାଉଛି ବୋଲି ମାନ୍ୟତା ରହିଛି। ଜାଣନ୍ତୁ ସେଭଳି କିଛି ସଙ୍କେତ ବିଷୟରେ .

ଧଳା ଗାଈ: ଯଦି ଧଳା ରଙ୍ଗର ଗାଈ ଦରଜା ସମ୍ମୁଖକୁ ଆସି ଶବ୍ଦ କରନ୍ତି, ତେବେ ଆପଣଙ୍କ ଘରେ ସୁଖସମୃଦ୍ଧିର ବୃଦ୍ଧି ହେବାର ଏହାର ସଙ୍କେତ ଦେଇଥାଏ।

ମଧୁର ଧ୍ୱନି: ସକାଳ ସମୟରେ ଯଦି ଆପଣଙ୍କୁ ମନ୍ଦିର ଘଣ୍ଟି, ଶଙ୍ଖ ଅଥବା ଭଜନ କୀର୍ତ୍ତନର ଧ୍ୱନି ଶୁଣାଯାଏ, ତେବେ ଏହାକୁ ଶୁଭ ସଙ୍କେତ କୁହାଯାଏ।

ନବବଧୂଙ୍କୁ ଦେଖିବା: ରାସ୍ତାରେ ଯାଉଥିବା ସମୟରେ ହଠାତ ନବବଧୂଙ୍କୁ ଦେଖିଲେ ଏହାକୁ ମଧ୍ୟ ଶୁଭ ସଙ୍କେତ କୁହାଯାଏ।

ଶ୍ରୀଫଳ: ସକାଳେ ଉଠିବା ପରେ ଶ୍ରୀଫଳ ଦେଖିଲେ ଶୁଭ ଖବର ମିଳିଥାଏ।

କୁହାଯାଏ ରାସ୍ତାରେ ଯିବା ସମୟରେ ପକ୍ଷୀ ଆପଣଙ୍କ ଉପରେ ମଳତ୍ୟାଗ କରିବା ଶୁଭ ବୋଲି କୁହାଯାଏ।

ବର୍ଷା ହେବା ସମୟରେ ହଠାତ ସୂର୍ଯ୍ୟ ଦେଖାଯିବା ଧନସମ୍ପତ୍ତି ବୃଦ୍ଧି ହେବାର ସଙ୍କେତ ଦେଇଥାଏ।

ଝରକାରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବା ଅଥବା ଜଳାଶୟ ଦେଖାଯିବା ମଧ୍ୟ ଶୁଭଙ୍କର।

ଘରର ଛାତରେ ବସିଥିବା କୋଇଲି କିମ୍ବା ପକ୍ଷୀଙ୍କ ମଧୁର ସ୍ୱର ଶୁଣିବା ମଧ୍ୟ ଶୁଭଙ୍କର।

ସକାଳେ ଉଠିବା ମାତ୍ରେ ସର୍ବପ୍ରଥମେ ଦହି କିମ୍ବା ଖୁର ଦେଖାଯିବା ଶୁଭ ସଙ୍କେତ କୁହାଯାଏ। ଏହାଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ।

କଇଁଛ ଦେଖିବା ମଧ୍ୟ ଶୁଭ ବୋଲି କୁହାଯାଏ।

ଘରର ଦରଜା ସମ୍ମୁଖରେ ଯଦି ହାତୀ ଶୁଣ୍ଢ ଉପରକୁ କରେ ତେବେ ଧନସମ୍ପତ୍ତି, ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ।

ଅଜାଣତରେ ଓଲଟା ପୋଷାକ ପିନ୍ଧିବା ସୁଖସମୃଦ୍ଧି ପ୍ରାପ୍ତିର ସଙ୍କେତ ଦେଇଥାଏ।

ସକାଳ ସମୟରେ ରାସ୍ତାରେ ଆଖୁ ଦେଖିବା ମଧ୍ୟ ଶୁଭଙ୍କର।


ମୟୁର ପଙ୍ଖକୁ ଖୋଲାକରି ଥିବା ଅବସ୍ଥାରେ ଦେଖିବା ମଧ୍ୟ ଶୁଭଙ୍କର।

ହାତ ପାପୁଲି କୁଣ୍ଡାଇ ହେବା ଶୁଭ ସଙ୍କେତ ବୋଲି କୁହାଯାଏ।

ସମୁଦ୍ର କୂଳରେ ମୋତି ମିଳିବା ମଧ୍ୟ ଶୁଭ ସଙ୍କେତ ପ୍ରଦାନ କରିଥାଏ।

ବେଲପତ୍ରରେ ରହିଛି ବହୁ ଧାର୍ମିକ ମହତ୍ତ୍ୱ

ପ୍ରଭୁ ଶିବଶଙ୍କରଙ୍କୁ ବେଲପତ୍ର ଖୁବ ପ୍ରିୟ, ଏହାର ଶିବ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି। ତେଣୁ ସମସ୍ତ ଭକ୍ତ ଶ୍ରଦ୍ଧାର ଭାବ ସହ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସମୟରେ



ବେଲ ପତ୍ର ଅର୍ପଣ କରିଥାଆନ୍ତି। ଏହାଦ୍ୱାରା ପ୍ରଭୁ ଖୁବ ପ୍ରସନ୍ନ ହେବା ସହ ଭକ୍ତଙ୍କ ଉପରେ କୃପା ଓ ଆଶୀର୍ବାଦ ଦେଇଥାଆନ୍ତି। ମହାଶିବରାତ୍ରୀ ଅବସରରେ ପ୍ରଭୁଙ୍କୁ ବେଲପତ୍ର ଅର୍ପଣ କରିବା ସହ ଏହାର ମହତ୍ତ୍ୱ ମଧ୍ୟ ଜାଣନ୍ତୁ। ବେଲ ଗଛକୁ ଶ୍ରୀବୃକ୍ଷ ମଧ୍ୟ କୁହାଯାଏ। ମାନ୍ୟତା ଅନୁଯାୟୀ, ଏଥିରେ ପ୍ରଭୁ ମହାଦେବ ବାସ କରନ୍ତି। ତିନିଟି ପତ୍ର ବିଶିଷ୍ଟ ବେଲପତ୍ରକୁ ତ୍ରିଦେବଙ୍କ ଏକ ରୂପ ବୋଲି ମଧ୍ୟ କୁହାଯାଏ। କିମ୍ବଦନ୍ତୀ ଅନୁଯାୟୀ, ଏକଦା ମାତା ପାର୍ବତୀ ଆଙ୍ଗୁଠିରେ ନିଜ ମଥାରେ ଥିବା ଝାଳକୁ ପୋଛି ପକାଇଦେଇଥିଲେ। ସେହି ଝାଳରୁ କିଛି ବୁନ୍ଦା ମନ୍ଦାର ପର୍ବତରେ ପଡ଼ିଥିଲା। ସେଥିରୁ ହିଁ ବେଲଗଛ ଉତ୍ପନ୍ନ ହୋଇଛି ବୋଲି କୁହାଯାଏ। ଏହି ବେଲ ବୃକ୍ଷ ଅଧିକାଂଶ କେବଳ ମନ୍ଦିର ନିକଟରେ ହିଁ ଥାଏ। ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି, ଘରର ବଗିଚାରେ ବେଲ ବୃକ୍ଷ ଲଗାଇବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଯେଉଁ ସ୍ଥାନରେ ଏହି ବୃକ୍ଷ ରହିଥାଏ, ତାହା କାଶୀ ତୀର୍ଥ ଭଳି ପବିତ୍ର ଓ ପୂଜନୀୟସ୍ଥଳ। ଏହାର ପ୍ରଭାବରେ ଘରର ସଦସ୍ୟଙ୍କ ଉପରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଭାବ ରହିଥାଏ। ଘରେ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏହା ବାତାବରଣକୁ ଶୁଦ୍ଧ ଓ ପବିତ୍ର କରିଥାଏ। ଏହି ବୃକ୍ଷର ପ୍ରଭାବରେ କୌଣସି କ୍ଷତିକାରକ ଜୀବଜନ୍ତୁ ରୁହନ୍ତି ନାହିଁ। ବେଲପତ୍ର ତୋଳିବା ସମୟରେ କିଛି ସ୍ୱତନ୍ତ୍ର ନିୟମ ପ୍ରତି ଧ୍ୟାନ ରଖିବା ସହ ପ୍ରଭୁ ଭୋଳାଶଙ୍କରଙ୍କୁ ଅର୍ପଣ କରିବା ଶ୍ରେଷ୍ଠ ବୋଲି କୁହାଯାଏ। ଶୁଖିଯାଇଥିବା ଓ ଛିଣ୍ଡିଥିବା ବେଲପତ୍ର ପ୍ରଭୁଙ୍କୁ ଅର୍ପଣ କରିବା ଉଚିତ ନୁହେଁ।

ଦୈନନ୍ଦିନ ଖାଦ୍ୟରେ ମିଲେଟ୍ ସାମିଲ କରିବା ପାଇଁ ଆହ୍ୱାନ



ଭୁବନେଶ୍ୱର,୧୨।୧୧ (ମହାଭାରତ): ଦୈନନ୍ଦିନ ଖାଦ୍ୟରେ ଶ୍ରୀଅନ୍ନ (ମିଲେଟ୍) ସାମିଲ କରିବା ସହ ଭୂ-ପ୍ରଜାତି ବିହନର ସଂରକ୍ଷଣ ଓ ସୁଦୃଢ଼ୀକରଣ ଦିଗରେ ସାମୂହିକ ପ୍ରୟାସ କରିବାକୁ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମ ଆହ୍ୱାନ ଜଣାଇଛନ୍ତି। ବିଶେଷକରି ଯୁବପିଢ଼ି, ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀମାନେ ନିଜ ଖାଦ୍ୟାଭ୍ୟାସରେ ମାଣ୍ଡିଆ, ବାଜରା, ଜୋଅର ଆଦି ମିଲେଟ କୁ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ 'ଶ୍ରୀଅନ୍ନ ଏବଂ ଭୂ-ପ୍ରଜାତି ବିହନ ବ୍ୟବସ୍ଥାର ସୁଦୃଢ଼ୀକରଣ-୨୦୨୬' ଶୀର୍ଷକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ ଯେ, ପ୍ରତ୍ୟେକ ପରିବାରର ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆ, ବାଜରା, ଜୋଅର ଆଦି ମିଲେଟ୍ ସ୍ଥାନ ପାଇବା ଆବଶ୍ୟକ। ସୁସ୍ଥ ଖାଦ୍ୟାଭ୍ୟାସ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସୁରକ୍ଷା ନୁହେଁ, ବରଂ ଚାଷୀ ଓ ଆମର କୃଷି ପରମ୍ପରା ପ୍ରତି ସମ୍ମାନର ପ୍ରତୀକ। ଭାରତର କୃଷି ଐତିହ୍ୟରେ ମିଲେଟ୍‌ର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଶତାବ୍ଦୀ ଶତାବ୍ଦୀ ଧରି ଏହି ଶସ୍ୟ ଆମ ପାରମ୍ପରିକ ଖାଦ୍ୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ଓଡ଼ିଶାର ଆଦିବାସୀ ଓ ଅନାବୃଷ୍ଟି ପ୍ରବଣ ଅଂଚଳରେ ମିଲେଟ୍ ଚାଷ ସ୍ଥାନୀୟ ଜୀବିକା ଓ ସାଂସ୍କୃତିକ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ। ମାଣ୍ଡିଆ ଚାଷର ପ୍ରସାର ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ସହ ଏହି ପାରମ୍ପରିକ ଐତିହ୍ୟର ସୁରକ୍ଷା ସମ୍ଭବ ହୋଇପାରିବ।ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ତାପମାତ୍ରା ବୃଦ୍ଧି ଓ ଜଳାଭାବ ଭଳି ଆହ୍ୱାନର ମୁକାବିଲାରେ ମିଲେଟ୍ ଏକ ସ୍ଥାୟୀ କୃଷି ବିକଳ୍ପ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। କମ ଜଳ ଆବଶ୍ୟକ କରିବା, କମ ଖର୍ଚ୍ଚରେ ଚାଷ ହୋଇପାରିବା ଏବଂ ପ୍ରତିକୂଳ ଜଳବାୟୁ ପରିସ୍ଥିତିକୁ ସହ୍ୟ କରିବାର କ୍ଷମତା ଯୋଗୁଁ ମିଲେଟ ଚାଷ ଚାଷୀଙ୍କ ପାଇଁ ଅଧିକ ଲାଭଦାୟକ ହୋଇପାରିବ। ମିଲେଟର ପୁଷ୍ଟିଗତ ଗୁଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ତନ୍ତୁ ଓ ଅତ୍ୟାବଶ୍ୟକ ପୋଷକତତ୍ୱ ରହିଛି। ମଧୁମେହ, ମେଦବହୁଳତା ଓ ଉଚ୍ଚ ରକ୍ତଚାପ ଭଳି ଜୀବନଶୈଳୀଜନିତ ରୋଗ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ମିଲେଟ୍ ର ନିୟମିତ ସେବନ ସୁସ୍ଥ ଖାଦ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବ। ଓଡ଼ିଶାର ମିଲେଟ ଉତ୍ପାଦକୁ ବ୍ୟାପକ ଘରୋଇ ଓ ଅନ୍ତର୍ଜାତୀୟ ବଜାରରେ ପହଂଚାଇବା ପାଇଁ ପ୍ରକ୍ରିୟାକରଣ, ପ୍ୟାକେଜିଂ, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଓ ବିପଣନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଭୂ-ପ୍ରଜାତି ବିହନ ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟପାଳ ଗୋଷ୍ଠୀଭିତିକ ବିହନ ବ୍ୟାଙ୍କ ପ୍ରତିଷ୍ଠା, ଦେଶୀ କିସମର ବିହନର ଦସ୍ତାବିଜୀକରଣ ଏବଂ ବିହନ ବିନିମୟକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଜଣାଇଥିଲେ। ସ୍ଥାନୀୟ ବିହନ କିସମଗୁଡ଼ିକ ପିଢ଼ି ପରେ ପିଢ଼ି ଚାଷୀଙ୍କ ଅଭିଜ୍ଞତା ଓ ଜ୍ଞାନର ପ୍ରତିଫଳନ ଏବଂ କୃଷି ଜୈବ ବିବିଧତାର ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ।

ଆଦିବାସୀ ସମ୍ପ୍ରଦାୟ ଓ ମହିଳା ଚାଷୀମାନେ ପାରମ୍ପରିକ ବିହନର ମୁଖ୍ୟ ସଂରକ୍ଷକ ବୋଲି ଉଲ୍ଲେଖ କରି ସେମାନଙ୍କ ପାରମ୍ପରିକ ଜ୍ଞାନକୁ ଆଧୁନିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉନ୍ନତ ବଜାର ସଂଯୋଗ ସହ ସମନ୍ୱିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଏବଂ ମିଲେଟ ର ପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ, ପାରମ୍ପରିକ ବିହନର ସଂରକ୍ଷଣ, କୃଷି ବିବିଧତାର ସୁରକ୍ଷା ଓ ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ସମସ୍ତଙ୍କ ମିଳିତ ପ୍ରୟାସ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣରେ ସହାୟକ ହେବ।

ସ୍କାଉଟ୍ ଗାଇଡ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୧୧ (ମହାଭାରତ): ନଭେମ୍ବର ମାସ ୭ ତାରିଖ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍‌ର "ପ୍ରତିଷ୍ଠା ଦିବସ" ପ୍ରତିବର୍ଷ ପାଳିତ ହୋଇଆସୁଅଛି। ସାରା ଭାରତରେ ଆନନ୍ଦ ଉଲ୍ଲାସରେ ଏହି ପ୍ରତିଷ୍ଠା ଦିବସଟିକୁ ପାଳିତ ହେବା ସହ ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସବୁ ଜିଲ୍ଲାରେ ପ୍ରାୟ ଏକଲକ୍ଷରୁ ଉର୍ଦ୍ଧ୍ୱ କବ୍, ବୁଲ୍‌ବୁଲ୍, ସ୍କାଉଟ ଗାଇଡ୍, ରୋଭର ଏବଂ ରେଞ୍ଜରମାନେ ବିଭିନ୍ନ ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ସ୍କାଉଟ ଗାଇଡ୍‌ମାନେ ରାଜ୍ୟପାଳ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ପୃଷ୍ଠପୋଷକ ଡଃ. ବ୍ରଜ ମୋହନ ରାମ, ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ଟି. ପ୍ରସାଦ ରାଓ ଦୋରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ଆଇଏଏସ ମହୋଦୟଙ୍କୁ ପ୍ରତୀକ ପତାକା ପ୍ରଦାନ କରି ଆଶିର୍ବାଦ ଗ୍ରହଣ କରିଛନ୍ତି। ତତ୍ ସହିତ ବିଭିନ୍ନ ଜିଲ୍ଲାରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି, ବିଚାରପତି, ପୋଲିସ୍, ଡାକ୍ତରମାନଙ୍କୁ ମଧ୍ୟ ପ୍ରତୀକ ପତାକା ପ୍ରଦାନ କରାଯାଇଥିଲା।



ଗଞ୍ଜାମ ବନ୍ୟା ପାଇଁ ବିଜେପି ଓ ବିଜେଡି ଦାୟୀ

ଭୁବନେଶ୍ୱର,୧୨।୧୧ (ମହାଭାରତ): ଗଞ୍ଜାମ ବନ୍ୟା ପାଇଁ ବର୍ତ୍ତମାନର ବିଜେପି ସରକାର ଓ ପୂର୍ବତନ ବିଜେଡି ସରକାର ଉଭୟ ଦାୟୀ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ଡ୍ୟାମ୍ ର ଜଳ ପରିଚାଳନାରେ ଅବହେଳା ପାଇଁ ବିଜେପି ସରକାର ଦାୟୀ ହୋଇଥିବା ବେଳେ ୨୪ ବର୍ଷ ଶାସନରେ ରହି ଗଞ୍ଜାମ ବନ୍ୟାର ସ୍ଥାୟୀ ପ୍ରତିକାର ନ କରିବାରୁ ବିଜେଡି ମଧ୍ୟ ସମାନ ଭାବେ ଦାୟୀ ବୋଲି ସେ କହିଛନ୍ତି। ଗଞ୍ଜାମ ଓ ଗଜପତିର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ ପରେ ମଙ୍ଗଳବାର କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ, ଆଇଏମଡିର ସତର୍କ ସୂଚନା ସତ୍ତ୍ୱେ ୨୩ରୁ ୨୮ ତାରିଖ ମଧ୍ୟରେ ଡ୍ୟାମ୍ ଗୁଡ଼ିକର ଜଳସ୍ତର ହ୍ରାସ କରାଯାଇ ନଥିଲା। ପରେ ହଠାତ୍ ଜଳପ୍ରବାହ ୭ ହଜାର କ୍ୟୁସେକ୍ ରୁ ବୃଦ୍ଧି କରି ୧.୪୦ ଲକ୍ଷ କ୍ୟୁସେକ୍ କରାଯାଇଥିଲା। ଏହା ମନୁଷ୍ୟକୃତ ବନ୍ୟା ବୋଲି ଅଭିଯୋଗ କରି ସେ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଏଯାଏ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ୧୯୯୦, ୨୦୧୩ ଓ ୨୦୧୮ରେ ମଧ୍ୟ ଗଞ୍ଜାମ ବନ୍ୟାର ସମ୍ମୁଖୀନ ହୋଇଥିଲା। ଏହା ସତ୍ତ୍ୱେ ସ୍ଥାୟୀ ପ୍ରତିକାର ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ତେଣୁ ପ୍ରତିଥର ଉଦ୍ଧାର, ରିଲିଫ୍ ଓ ମରାମତିରେ ଅର୍ଥ ଖର୍ଚ୍ଚ କରିବା ବଦଳରେ ଏକ ବୃହତ୍ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ବନ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ସେ ଦାବି କରିଥିଲେ। ବନ୍ୟା ପରେ ମୁଖ୍ୟମନ୍ତ୍ରୀଙ୍କ ଜିରୋ କାଜୁଆଲିଟି ଦାବିକୁ ପ୍ରଶ୍ନ କରି ଶ୍ରୀ ଦାସ କହିଥିଲେ, ବନ୍ୟାରେ ଲୋକଙ୍କ ମୃତ୍ୟୁ ଓ ଚାଷୀଙ୍କ ଆତ୍ମହତ୍ୟାକୁ କିପରି ଅଣଦେଖା କରାଯାଇପାରିବ? ଜଳସମ୍ପଦ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହାର ନୈତିକ ଉତରଦାୟିତ୍ୱ ନେବା ଉଚିତ ବୋଲି ସେ କହିଥିଲେ। ପିସିସି ସଭାପତିଙ୍କ ପ୍ରମୁଖ ଦାବି ଗୁଡିକ ମଧ୍ୟରେ ରହିଛି - ଗଞ୍ଜାମ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରି ୨,୫୦୦ କୋଟି ବଦଳରେ ୫,୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଦାବି କରାଯାଉ।

ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏମଏସପି ଆଧାରରେ କ୍ଷତିପୂରଣ ଦିଆଯାଉ ଏବଂ

କଂଗ୍ରେସ ଭୋଟ୍ ଚୋରିର ମିଥ୍ୟା ନାଟକ କରୁଛି : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୨।୧୧ (ମହାଭାରତ): ସମ୍ବଲପୁରରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ 'ଲୋକତନ୍ତ୍ର ବଂଚାଓ - ଅରାଜକତା ହଟାଓ' ପଦଯାତ୍ରା ଏବଂ ଜନସଭାରେ ଯୋଗଦେଇ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣତନ୍ତ୍ର ସୁରକ୍ଷା ଏବଂ ଅରାଜକତା ବିରୁଦ୍ଧରେ ମହାଜାଗରଣର ଆହ୍ୱାନ ଦେଇଛନ୍ତି।

ଶ୍ରୀ ପ୍ରଧାନ ଆଜି ପ୍ରଥମେ ଦଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ଜନସାଧାରଣ, ମାତୃଶକ୍ତି ଓ ଯୁବସାଥୀଙ୍କ ସହ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଦେଶ ଓ ରାଜ୍ୟର ରାଜନୈତିକ ପରିସ୍ଥିତିକୁ ନେଇ କଂଗ୍ରେସ ଏବଂ ଇଣ୍ଡି ମେଂଟକୁ କଡ଼ା ସମାଲୋଚନା କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପଦଯାତ୍ରା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଏକ ମହାସଂଗ୍ରାମ ଅଟେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଯେତେବେଳେ ବିଶ୍ୱର ପଂଚମ ଅର୍ଥନୀତିରୁ ଆହୁରି ଉପରକୁ ଉଠୁଛି



ଏବଂ ଦ୍ରୁତ ଗତିରେ ବିକାଶ କରୁଛି, ସେତେବେଳେ ଜନସମର୍ଥନ ହରାଇଥିବା କିଛି ହତାଶ ରାଜନୈତିକ ଦଳ ଏହାକୁ ସହ୍ୟ କରିପାରୁନାହାନ୍ତି।

ନିଜର କ୍ରମାଗତ ପରାଜୟ ଓ ରାଜନୈତିକ ଦେବାଳିଆପଣକୁ ଲୁଚାଇବା ପାଇଁ କଂଗ୍ରେସ ଏବଂ ଇଣ୍ଡି ମେଂଟ ଆଜି 'ଭୋଟ୍ ଚୋରି'ର ହଟଚମଟ ସୃଷ୍ଟି କରୁଛନ୍ତି। ସଂସଦ ଠାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ଏହି ନେତାମାନେ ଅଙ୍ଗୁର ନମିଳିଲେ ତାହାକୁ ଖଟା ବୋଲି କହିବା ସଦୃଶ କେବଳ ମିଥ୍ୟା ବାହାନା ଖୋଜୁଛନ୍ତି। ଏହା କେବଳ ସେମାନଙ୍କର କ୍ରମାଗତ ପରାଜୟ ଓ ରାଜନୈତିକ ବିଫଳତାକୁ ଲୁଚାଇବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର। ନିର୍ବାଚନରେ ଜିତିଲେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଭଲ ଲାଗୁଥିବାବେଳେ ହାରିଗଲେ ସେହି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର ଏମାନଙ୍କର ଦୋମୁହାଁ ନୀତିକୁ ଦେଶବାସୀ ଭଲ ଭାବରେ ବୁଝିସାରିଛନ୍ତି।

ନିର୍ବାଚନ ତାଲିକା ସଂଶୋଧନ ସମୟରେ ବିରୋଧୀଙ୍କ ହୋ-ହାଲ୍ଲାକୁ କଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ, ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ଏବଂ ବେଆଇନ ଅନୁପ୍ରବେଶକାରୀଙ୍କ ଭରସାରେ କଂଗ୍ରେସ କ'ଣ ନିର୍ବାଚନ ଜିତିବାକୁ ଚାହୁଁଛି? ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନ ରଖି ନାଗରିକତା ନଥିବା ଲୋକଙ୍କୁ ସୁରକ୍ଷା ଦେବାର ଏହି ଚକ୍ରାନ୍ତକୁ କେବେବି ବରଦାସ୍ତ କରାଯିବ ନାହିଁ।

ଦେଶରେ ପ୍ରଜାତନ୍ତ୍ର ଓ ନିର୍ବାଚନ ଆୟୋଗ ରହିଛି ବୋଲି ଆଜି ଜଣେ ଗରିବ ଓଡ଼ିଆ ଜନଜାତି ଘରର ଝିଅ ଦେଶର ରାଷ୍ଟ୍ରପତି ଏବଂ ଗରିବ ଘରର ପିଲା ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। କିନ୍ତୁ ସାମନ୍ତବାଦୀ ନେହେରୁ-ଗାନ୍ଧୀ ପରିବାର ଏହାକୁ ସହି ନପାରି ଦେଶରେ ଅରାଜକତା ଓ ରିଜିମ୍ ଚେଞ୍ଜର କଥା କହୁଛନ୍ତି। ସେ ଆହୁରି କହିଥିଲେ, ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଆୟୋଜିତ ଏହି ପଦଯାତ୍ରାକୁ ଜନସାଧାରଣଙ୍କ ବିପୁ ସମର୍ଥନ ରହିଛି।

ଓଡ଼ିଶା-ଜାପାନ ଷ୍ଟାର୍ଟଅପ୍ ଓ ବ୍ୟବସାୟିକ ସହଯୋଗକୁ ନୂଆ ଦିଗ

ଭୁବନେଶ୍ୱର,୧୨।୧୧ (ମହାଭାରତ): ଓଡ଼ିଶା ଓ ଜାପାନ ମଧ୍ୟରେ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ ଓ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାପାନର ଟୋଟୋରି ପ୍ରିଫେକ୍ଚରର ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱର "ଓ-ହବ୍-ଷ୍ଟାର୍ଟଅପ୍ ଓଡ଼ିଶା" ପରିଦର୍ଶନ କରିଛନ୍ତି। ଏହି ଗସ୍ତ ଅବସରରେ ଆନ୍ତର୍ଜାତିକ ବ୍ୟବସାୟିକ ସହଭାଗିତା, ଆନୁଷ୍ଠାନିକ ସହଯୋଗ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡ଼ିଶାର ଷ୍ଟାର୍ଟଅପ୍ ସଂସ୍ଥା ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଟୋଟୋରିସ୍ଥିତ ବ୍ୟବସାୟିକ ସଂସ୍ଥା ୱାନଷ୍ଟ୍ରକ୍ଚର ଇଙ୍କ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଗତ ଜୁଲାଇ ୩୦ ତାରିଖରେ ଟୋଟୋରି ପ୍ରତିନିଧି ଦଳର ଓଡ଼ିଶା ଗସ୍ତ ସମୟରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଏବଂ ପରବର୍ତ୍ତୀ ଯୋଗାଯୋଗର ସଫଳ ପରିଣତି ସ୍ୱରୂପ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଷ୍ଟାର୍ଟଅପ୍ ସହଯୋଗ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ; ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବ୍ୟବସାୟିକ ସୁଯୋଗର ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଥିଲେ, ଷ୍ଟାର୍ଟଅପର ବିକାଶ ଦିଗରେ ଏହା ଏକ ମାଇଲଖୁଂଟ। ଓଡ଼ିଶାର ଷ୍ଟାର୍ଟଅପ୍ ଓ ଉଦ୍ୟୋଗ କ୍ଷେତ୍ରକୁ ବିଶ୍ୱସ୍ତରୀୟ ସୁଯୋଗ ସହ ଯୋଡ଼ିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏମ୍ଏସ୍ଏମ୍ଇ ବିଭାଗର କମିଶନର-ତଥା-ଶାସନ ସଚିବ ରଶ୍ମିତା ପଣ୍ଡା ରାଜ୍ୟର ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବା, ନବସୃଜନକୁ ପ୍ରୋତ୍ସାହନ ଦେବା ଓ ଆନ୍ତର୍ଜାତିକ ସହଭାଗିତା ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜାପାନର ପ୍ରତିନିଧି ଦଳରେ ଟୋଟୋରି ପ୍ରିଫେକ୍ଚରାଲ୍ ସରକାରଙ୍କ ବାଣିଜ୍ୟ, ଶିଳ୍ପ ଓ ଶ୍ରମ ବିଭାଗର ମହାନିର୍ଦ୍ଦେଶକ ତୋରୁ ସାସାକି, ସାନ୍-ଇନ୍ ଗୋଡୋ ବ୍ୟାଙ୍କର ନିର୍ଦ୍ଦେଶିକା ଶ୍ରୀମତୀ ୟୋସିଓକା ଏବଂ ଟୋଟୋରି ପ୍ରିଫେକଚରାଲ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଅର୍ଗାନାଇଜେସନ୍ ର ସଭାପତି କାଜୁହିକୋ ଇକେଦାଙ୍କ ସମେତ ଜାପାନର ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଜାପାନର ପ୍ରତିନିଧିମାନେ ସେମାନଙ୍କ ଅଭିଭାଷଣରେ, କୃଷି, ନିର୍ମାଣ, କୃତ୍ରିମ ବୁଦ୍ଧିମତା, ଉତ୍ପାଦନ, ସ୍ଥାୟୀ ବିକାଶ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ, ବଜାର ସୁଯୋଗ ଓ ବ୍ୟବସାୟିକ ସହଭାଗିତା ଉପରେ ଆଶା ପ୍ରକଟ କରିଥିଲେ। ପ୍ରତିନିଧିମାନେ ଷ୍ଟାର୍ଟଅପ୍ ଶୋକେସ୍ ଷ୍ଟଲ୍ ପରିଦର୍ଶନ କରି ଓଡ଼ିଶାର ନବସୃଜନାତ୍ମକ ଉତ୍ପାଦ, ନୂତନ ଜ୍ଞାନକୌଶଳ ଓ ଉଦ୍ୟୋଗୀମାନଙ୍କ ଅଭିନବ ପ୍ରୟାସ ସମ୍ପର୍କରେ ଅବଗତ ହୋଇଥିଲେ।



ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାପାନ ପ୍ରତିନିଧି ଦଳର ସଦସ୍ୟମାନେ ନିଜ ନିଜର ମତ ରଖିଥିଲେ। ଓଡ଼ିଶାର ବିଭିନ୍ନ ଷ୍ଟାର୍ଟଅପ୍ ସଂସ୍ଥା ସେମାନଙ୍କର ଅଭିନବ ଉଦ୍ୟୋଗ, ଉତ୍ପାଦ ଓ ସମାଧାନମୂଳକ ପ୍ରଯୁକ୍ତି ଜାପାନୀ ପ୍ରତିନିଧିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ଗୁଡ୍‌ନାଇଟ୍ ପକ୍ଷରୁ ଲୋସନ ଉନ୍ମୋଚିତ

ଭୁବନେଶ୍ୱର,୧୨।୧୧ (ମହାଭାରତ): ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ଭାରତର ଅଗ୍ରଣୀ ମଶାଘଉଡ଼ାଇବାବ୍ରାଣ୍ଡ୍‌ଗୁଡ୍‌ନାଇଡ୍ ପକ୍ଷରୁଗୁଡ୍‌ନାଇଟ୍ ମସ୍କିଟୋରି ପେଲାଂଟ୍ ଲୋସନ ଉନ୍ମୋଚନ କରାଯାଇଛି। ଏହାରସାସେରମୂଲ୍ୟମାତ୍ର ୩ ଟଙ୍କାରହିଛି। ଏହାହେଉଛି ଭାରତର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିଗତ ମଶାଘଉଡ଼ାଇବା ରିପେଲାଂଟ୍ ଯାହା ରାଜ୍ୟର ପ୍ରତି ପରିବାର, ଘର କାର୍ଯ୍ୟକ୍ଷେତ୍ର ଓ ଯାତାୟାତବେଳେ ୮ ଘଂଟା ପର୍ଯ୍ୟନ୍ତ ମଶାଙ୍କଠାରୁସୁରକ୍ଷା ପ୍ରଦାନ କରିବ। ମାଲେରିଆ ଓ ଡେଙ୍ଗୁ ଭଳି ମଶା ଜନିତ ରୋଗ ଓଡ଼ିଶା ଓ ଦେଶରେ ଏକ ବାରମ୍ବାର ଘଟୁଥିବା ସ୍ୱାସ୍ଥ୍ୟ ସମସ୍ୟା। ତେଣୁ ଏକ ସୁବିଧାଜନକ, ସୁଲଭ ମଶା ସୁରକ୍ଷାବ୍ୟ ବସ୍ଥାର ଯଥେଷ୍ଟ ଗୁରୁତ୍ୱ ରହିଛି। ମୌସୁମୀ ଓ ମୌସୁମୀ ପରବର୍ତ୍ତୀ ମାସ ଗୁଡ଼ିକରେ ମାଲେରିଆ ଓ ଡେଙ୍ଗୁର ମାମଲା ଅଧିକ ରହିଥାଏ ଯାହାଗାଁଠାରୁ ସହର ପର୍ଯ୍ୟନ୍ତ ଚାରିଆଡ଼େ ପ୍ରଭାବିତ କରିଥାଏ। ବର୍ତ୍ତମାନର ଅଧିକାଂଶ ମଶାଠାରୁ ସୁରକ୍ଷା ପ୍ରଦାନକାରୀ ସମାଧାନ କେବଳ ଘର ଭିତରେମଶା ଦାଉରୁ ସୁରକ୍ଷା ଦେଉଛି। କିନ୍ତୁ କ୍ଷେତରେ, କର୍ମକ୍ଷେତ୍ରରେ, ସ୍କୁଲ ଫାଟକରେ ବସ୍‌ଷ୍ଟପ୍ କିମ୍ବା ଯିବା ଆସିବା କରିବା ବେଳେ ଅନ୍ୟ ସବୁଠାରେ ମଶାଲୋକ ମାନଙ୍କୁ କାମୁଡୁଛନ୍ତି। ଏହିସବୁ ସ୍ଥାନ ଗୁଡ଼ିକରେ ପାରମ୍ପରିକ ମଶା ଘଉଡ଼ାଇବାକଏଲ୍ କିମ୍ବା ଲିକ୍ୱିଡ୍ ଭାପୋରାଇଜର ବ୍ୟବହାର କରାଯାଏ ନାହିଁ।

ଏସିଆନ୍ ପେଣ୍ଟ୍ସ୍ 'ତୟାରି ଶୁରୁ, ତ୍ୟୋହାର ଶୁରୁ'

ଭୁବନେଶ୍ୱର,୧୨।୧୧ (ମହାଭାରତ): ଦୀପାବଳିର ଆତ୍ମାକୁ କଏଦ କରି ଏସିଆନ୍ ପେଣ୍ଟ୍ସ୍ ତାହାର ସଂଗୀତମୟ ବିଜ୍ଞାପନ ଚଳଚ୍ଚିତ୍ର 'ତୟାରି ଶୁରୁ, ତ୍ୟୋହାର ଶୁରୁ' ଉପସ୍ଥାପନ କରୁଛି, ଯାହା ଘରେ ଦୀପାବଳି ନିମନ୍ତେ କିଭଳି ପ୍ରସ୍ତୁତି ଆରମ୍ଭ ହୁଏ ତାହା ପ୍ରଦର୍ଶିତ କରୁଛି। ସେମାନଙ୍କ ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ଠାରୁ ନେଇ ରଙ୍ଗର ସାନି ଆସ୍ତରଣ ଦେଇ ସଜାଇବା ପର୍ଯ୍ୟନ୍ତ ପ୍ରତ୍ୟେକଟି କାର୍ଯ୍ୟ ଏହି ପାର୍ବଣ ନିମନ୍ତେ ପ୍ରସ୍ତୁତିର ଅଂଶ ହୋଇଥାଏ। ପରିବାରବର୍ଗ, ସମ୍ପର୍କୀୟ, ବନ୍ଧୁବାନ୍ଧବ ସେମାନଙ୍କ ଘରଗୁଡିକୁ ଦୀପାବଳି ନିମନ୍ତେ ପ୍ରସ୍ତୁତ କରିବାକୁ ଏକତ୍ର ଆଗେଇ ଆସୁଥିବା ସମୟରେ ଏହି ଚଳଚ୍ଚିତ୍ର ଦୈନନ୍ଦିନ କାର୍ଯ୍ୟଗୁଡିକ କିଭଳି ହସଖୁସି ଏବଂ ଏକତ୍ରିତ ହେବାର ମୁହୂର୍ତ୍ତରେ ପରିଣତ ହୁଏ ତାହା ପ୍ରଦର୍ଶିତ କରୁଛି। ଏହି ପ୍ରଚାର ଅଭିଯାନ ଦୀପାବଳି ପ୍ରସ୍ତୁତିର ଶକ୍ତିକୁ ଏକ ରଙ୍ଗୀନ ସଂଗୀତମୟ ଉପସ୍ଥାପନା ଜରିଆରେ ଜୀବନ୍ତ କରି ଗଢିତୋଳୁଛି, ଯେଉଁଥିରେ ରହିଛି ଆକର୍ଷଣୀୟ ତାଳ, ଛନ୍ଦ ତୋଳିବା ଭଳି ସ୍ୱର ଏବଂ ଲାଳିତ୍ୟପୂର୍ଣ୍ଣ ଗୀତ। ପରିବାରଗୁଡିକ ସେମାନଙ୍କ ପ୍ରିୟ ପରିଜନଙ୍କୁ ସ୍ୱାଗତ କରିବା ନିମନ୍ତେ ପ୍ରସ୍ତୁତି କରୁଥିବାବେଳେ ଘରର କାନ୍ଥଗୁଡିକୁ ଏସିଆନ୍ ପେଣ୍ଟ୍ସ୍‌ରେ ରଙ୍ଗ କରିବା ଠାରୁ ନେଇ ପରିଷ୍କାର ପରିଚ୍ଛନ୍ନ କରିବା, ସଜାଇବା ପର୍ଯ୍ୟନ୍ତ ପ୍ରତ୍ୟେକଟି ପଦକ୍ଷେପକୁ ଏହି ଚଳଚ୍ଚିତ୍ର ଜୀବନ୍ତ ଭାବରେ ଉପସ୍ଥାପନ କରୁଛି। ଏହି ବିଜ୍ଞାପନ ଚଳଚ୍ଚିତ୍ରରେ ଦୀପାବଳି ସମୟରେ ବାସଗୃହଗୁଡିକର ନୂତନ ଭୂମିକା ସମ୍ପର୍କରେ ଏସିଆନ୍ ପେଣ୍ଟ୍ସ୍‌ର ବୋଧଗମ୍ୟତା ବିଷୟରେ ଉଲ୍ଲେଖ କରାଯାଇଛି। ତାଜା ରଙ୍ଗ କରାଯାଇଥିବା ଏକ ବାସଗୃହ ପାର୍ବଣ ପୃଷ୍ଠଭୂମି ଠାରୁ ଅଧିକ ଅଟେ। ଏହା ପାର୍ବଣ ରତ୍ନକୁ ଭାଷିତ କରୁଥିବା ଆନନ୍ଦ ଉଲ୍ଲାସ, ଯତ୍ନ ଓ ଏକତ୍ରିତ ହେବାର ଖୁସିକୁ ପ୍ରତିଫଳିତ କରୁଛି।

୧୪ରୁ ପିକକ୍ ଶିଶୁମେଳା

ଭୁବନେଶ୍ୱର,୧୨।୧୧ (ମହାଭାରତ): ଚଳିତ ବର୍ଷ ୩୭ ତମ ଶିଶୁ ମେଳା ନଭେମ୍ବର ୧୪ ରୁ ୨୦ ତାରିଖ ସନ୍ଧ୍ୟାରେ ସପ୍ତାହ ବ୍ୟାପୀ ଭୁବନେଶ୍ୱର ଏକାମ୍ର ହାଟର ମୁକ୍ତ ରଙ୍ଗମଞ୍ଚରେଅନୁଷ୍ଠିତ ହେବ। ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ୧୯୯୦ ମସିହାରୁ ଶିଶୁ ଅଧିକାର ସପ୍ତାହରେ ସପ୍ତାହବ୍ୟାପୀ "ଶିଶୁମେଳା" ଅନୁଷ୍ଠିତ ହୋଇ ଆସୁଛି ଓଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଶିଶୁ ମେଳାର ବିଭିନ୍ନ ସନ୍ଧ୍ୟା ରେ ଅନୁଷ୍ଠିତ ହେବ। ଶିଶୁମେଳା ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ନଭେମ୍ବର ୧୫ତାରିଖ ଦିନ ଏକାମ୍ର ହାଟଠାରେସକାଳ ୮ ଟା ରେ ଚିତ୍ରାଙ୍କନ ପ୍ରତିଯୋଗୀତା (୨ୟ ରୁ ଦଶମ ଶ୍ରେଣୀ);ସକାଳ ୧୧:୦୦ ଟାରେ ଗୀତ ପ୍ରତିଯୋଗିତା (୨ୟ ରୁ ଦଶମ ଶ୍ରେଣୀ),ଅପରାହ୍ନ ୪:୦୦ରେ ୩ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା (ଜନ୍ମ ପ୍ରମାଣପତ୍ର ଏବଂ ଟିକାକରଣ ପ୍ରମାଣପତ୍ର ବାଧ୍ୟତାମୂଳକ।

ଆଇଭିଏସ୍ଏଏଚ୍‌ରେ ପରିସଂଖ୍ୟାନ ଓ ପ୍ରୟୋଗ କର୍ମଶାଳା

ଭୁବନେଶ୍ୱର,୧୨।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡ୍ରି (ଆଭିଏସ୍ଏଏଚ୍)ରେ ବୁଧବାର ପ୍ରାଣୀପ୍ରଜନନ (ଆନିମଲ୍ ଜେନେଟିକ୍ସ ଆଣ୍ଡ ବ୍ରିଡ଼ିଂ) ବିଭାଗ ପକ୍ଷରୁ ଗବେଷଣା କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ଓ ଏହାର ବ୍ୟବହାରିକ ପ୍ରୟୋଗ ସମ୍ବନ୍ଧୀୟ ଗବେଷଣ ଓ ଶିକ୍ଷକମାନଙ୍କୁ କିପରି ଅଧିକ ଦକ୍ଷ କରାଯାଇପାରିବ ସେ ସମ୍ପର୍କିତ ଦୁଇ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ବିଭିନ୍ନ ଶିକ୍ଷାନୁଷ୍ଠାନ ନର୍ସିଂ, ଆଇଏଏସ୍, ଫାର୍ମାସି, ବାୟୋଟେକ୍‌ନୋଲୋଜି ଓ ଭେଟେରିନାରୀ ମହାବିଦ୍ୟାଳୟର ୪୩ ଜଣ ଶିକ୍ଷକ ଅଂଶଗ୍ରହଣ କରି ପରିସଂଖ୍ୟାନ (ଷ୍ଟାଟିଷ୍ଟିକ୍ସ)ର ବିଭିନ୍ନ ଦିଗ ଓ ଗବେଷଣାରେ ଏହାର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଗବେଷଣାର ଗୁଣବତା ଓ ଡାଟା (ତଥ୍ୟ) ସଂଗ୍ରହ, ବିଶ୍ଳେଷଣ ଓ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତି ଉପରେ ନିର୍ଭର



କରେ। ତେବେ ଅନେକ ଗବେଷକ ତଥ୍ୟ ସଂଗ୍ରହ କରୁଥିଲେ ମଧ୍ୟ ତାହାକୁ କେଉଁ ପରିସଂଖ୍ୟାନ ଡିଜାଇନ୍ ବିଶ୍ଳେଷଣ କରାଯିବ ଏବଂ ଏଥିରୁ କିଭଳି ଉପଯୁକ୍ତ ଫଳାଫଳ ମିଳିବ ସେ ସଂପର୍କରେ ସ୍ପଷ୍ଟ ଧାରଣା ରଖିପାରୁନାହାନ୍ତି। କାର୍ଯ୍ୟକ୍ରମରେ କେଉଁ ଡାଟାକୁ କେଉଁ ଷ୍ଟାଟିଷ୍ଟିକାଲ୍ ଡିଜାଇନ୍ ଦରକାର ଓ ଅତି ସହଜରେ କିପରି ତାର ଆନାଇଲିସିସ, କମ୍ପ୍ୟୁଟର ମାଧ୍ୟମରେ (ଏସ୍‌ପିଏସ୍ଏସ୍) ସଫ୍ଟୱେର ସାହାଯ୍ୟରେ କରାଯାଇପାରିବ ସେ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରିପ୍ରେକ୍ଷୀରେ ପରିସଂଖ୍ୟାନ ବିନା ଗବେଷଣା ଅସମ୍ପୂର୍ଣ୍ଣ ଓ ଦିଗହୀନ ବୋଲି ଅଭିହିତ କରିଥିଲେ। କୌଣସି ଗବେଷଣା ପରିସଂଖ୍ୟାନ ଗଭୀର ଭାବେ ନିର୍ଭରଶୀଳ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଇଭିଏସ୍ଏଏଚର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଓ ନିର୍ଦ୍ଦେଶକ,ସୋଆ ପ୍ରଫେସର କୌତୁକ କୁମାର ସର୍ଦ୍ଦାର ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ପ୍ରଫେସର ସର୍ଦ୍ଦାର କହିଥିଲେ ଯେ ଜୀବ ବିଜ୍ଞାନର ଗବେଷଣାରତ ଗବେଷକଙ୍କ ପରିସଂଖ୍ୟାନ ଓ ପ୍ରୟୋଗ ଜ୍ଞାନର ପରିସୀମା ଅଧିକ ବୃଦ୍ଧି କରାଗଲେ ଏ ସମ୍ପର୍କିତ ଅଧିକ ପ୍ରବନ୍ଧ ପ୍ରକାଶିତ ହୋଇପାରିବ।

ହାରିଲେ ଇଭିଏମ ଦୋଷ

୨୦୨୪ରେ କେନ୍ଦ୍ରରେ ଯେତେବେଳେ ପ୍ରଥମ ଥର ପାଇଁ ବିଜେପି ବିଜୟ ହାସଲ କରି ସରକାର ଗଠନ କଲା, ସେତେବେଳେ କେନ୍ଦ୍ରରେ କଂଗ୍ରେସ କ୍ଷମତାରେ ଥିଲା। ପରବର୍ତ୍ତୀ ସମୟରେ ଅନେକ ରାଜ୍ୟରେ କଂଗ୍ରେସ ହାରିଛଇ। ଯେଉଁଠି କଂଗ୍ରେସ କ୍ଷମତାରେ ଥାଇ ନିର୍ବାଚନ ହୋଇଛି, ସେଠାରେ ବି ଦଳ ହାରିଛି। ତେଣୁ ସେସବୁ ରାଜ୍ୟରେ ବିଜେପି କିପରି ଇଭିଏମ ଗଡ଼ବଡ଼ କଲା ତାହା ଏକ ବିସ୍ମୟ। ଗତ ୧୨ ବର୍ଷ ଭିତରେ ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି। ଅନେକ ରାଜ୍ୟରେ ବିଜେପି ଜିତିଛି, କିଛି ରାଜ୍ୟରେ ବିରୋଧୀ ଦଳ ବିଜୟ ହାସଲ କରିଛନ୍ତି। ତାମିଲନାଡୁ ଓ କେରଳରେ ବିଜେପି ଜିତି ପାରିନି। ୨୦୨୩ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରସ ବିଜୟୀ ହୋଇଥିଲା ପଞ୍ଜାବ, ହିମାଚଳ ପ୍ରଦେଶ, ତେଲେଙ୍ଗାନା ବିଧାନସଭା ନସିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଠନ କରିଛି। ଯଦି ବିଜେପି ଭୋଟ ଚୋରି କରି ବା ଇଭିଏମ ଗଡ଼ବଡ଼ କରି ନିର୍ବାଚନ ଜିତୁଛି, ତେବେ ତେବେ ସେସବୁ ରାଜ୍ୟରେ କଂଗ୍ରେସ କିପରି ଜିତିଲା? ଏବେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଜିତିବା ପରେ ମମତା ବାନାର୍ଜୀ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି। କିନ୍ତୁ ୨୦୨୨ରେ ମଧ୍ୟ କେନ୍ଦ୍ରରେ ବିଜେପି କ୍ଷମତାସୀନ ଥିଲା। ସେତେବେଳେ କାହିଁକି ବିଜେପି ହାରିଗଲା? ସେତେବେଳେ ମମତା ବାନାର୍ଜୀଙ୍କ ଟିଏମସି କିପରି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା? ଇଭିଏମ ଗଡ଼ବଡ଼ ଅଭିଯୋଗ ଆଜି ପର୍ଯ୍ୟନ୍ତ ପ୍ରମାଣିତ ହୋଇପାରିନାହିଁ। ସୁପ୍ରିମକୋର୍ଟରେ ଏହି ମାମଲା ପୂର୍ବରୁ ଖାରଜ ହୋଇଛି। ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ପୁନର୍ବାର ଭୋଟ ଗ୍ରହଣ କରିବାକୁ କଂଗ୍ରେସ, ଟିଏମସି ଓ ଆପ ଭଳି ଦଳମାନେ ଦାବି କରି ଆସୁଛନ୍ତି। ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ହେଲେ ବିଜେପି କଦାପି ଜିତିପାରିବ ନାହିଁ ବୋଲି କଂଗ୍ରେସ କହୁଛି। କିନ୍ତୁ ନିକଟରେ ୪ଟି ବଡ଼ ରାଜ୍ୟର ୨୮ଟି ବିଧାନ ପରିଷଦ ଆସନ ଲାଗି ହୋଇଥିବା ନିର୍ବାଚନରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ସତ୍ତ୍ୱେ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେଲା। ୨୮ଟି ଆସନ ମଧ୍ୟରେ କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ଏକାକି ୧୩ଟି ଆସନରେ ବିଜୟୀ ହେଲା। କର୍ଣ୍ଣାଟକରେ କଂଗ୍ରେସ କ୍ଷମତାସୀନ ଥିବା ସତ୍ତ୍ୱେ ସେଠାରେ ଏନଡିଏ ସମସ୍ତ ୪ଟି ଆସନରେ ବିଜୟୀ ହେଲା। ଏହା କିପରି ସମ୍ଭବ ହେଲା? ସେଠାରେ ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ହିଁ ଭୋଟ ଗ୍ରହଣ ହେଉଥିଲା। ନିକଟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବିଜୟୀ ହେବା ପରେ ମମତା ବାନାର୍ଜୀ ଭୋଟ ଚୋରି ଅଭିଯୋଗ ଆଣିଲେ। କିନ୍ତୁ ପଶ୍ଚିମବଙ୍ଗ ସହିତ ଏକାସଙ୍ଗେ ତାମିଲନାଡୁ ଓ କେରଳ ବିଧାନସଭା ନିର୍ବାଚନ ମଧ୍ୟ ହୋଇଥିଲା। ସେଠାରେ ବିଜେପି କାହିଁକି ବିଜୟୀ ହୋଇପାରିଲା ନାହିଁ, ସେହି ପ୍ରଶ୍ନର ଉତ୍ତର କଂଗ୍ରେସ ପାଖରେ ନାହିଁ। ତେଣୁ ଇଭିଏମ ମାଧ୍ୟମରେ ଭୋଟ ଚୋରି କରି ବିଜେପି ନିର୍ବାଚନ ଜିତୁଛି ବୋଲି କଂଗ୍ରେସ, ଟିଏମସି ଓ ଆପର ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ମିଥ୍ୟା ବୋଲି କୁହାଯାଇପାରେ। ୪ଟି ରାଜ୍ୟ ବିଧାନ ପରିଷଦ ନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଏବେ ଇଭିଏମ ମାଧ୍ୟମରେ ଭୋଟ ଚୋରି ଅଭିଯୋଗ ଲାଗି କଂଗ୍ରେସ ଓ ଆପ ଭଳି ଦଳମାନେ ଦେଶବାସୀଙ୍କ ଆଗରେ କ୍ଷମା ମାଗିବା ଉଚିତ। ଲୋକଙ୍କୁ ମିଛ କହରହି ସେମାନେ ବିଭ୍ରାନ୍ତ କରିଛନ୍ତି। ଆଉ ଏହା ବିରୋଧରେ ଆନ୍ଦୋଳନ ଡାକରା ଦେଇ ସେମାନେ ଦେଶରେ ଅରାଜକତା ସୃଷ୍ଟି କରୁଛନ୍ତି। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଛନ୍ତି। ନିର୍ବାଚନରେ ବିଭିନ୍ନ ଦଳ ମଧ୍ୟରେ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ ହୋଇଥାଏ।

ଓଡ଼ିଶାର ଲୋକନୃତ୍ୟ : ପଶୁମୁଖା ନାଚ

॥ ଡ. ମନୋରଞ୍ଜନ ବିଷୋୟୀ ॥

ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ ।

ଆଦିମ ମାନବର ହାସ୍ୟ, ବିଷାଦ, ଭୟ ଇତ୍ୟାଦି ମଧ୍ୟରୁ ଲୋକାନୁଭୂତିର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶକୁ ଆଧାର କରି ଲୋକନାଟକ ଗଢ଼ି ଉଠିଥିବା ବିଶ୍ୱାସ କରାଯାଏ । ବ୍ୟକ୍ତିର ହର୍ଷ, ଉଲ୍ଲାସ, ପ୍ରେମ, କ୍ରୋଧ, ଘୃଣା ଇତ୍ୟାଦି ଭାବକୁ ପ୍ରକାଶ କରିବା ନିମନ୍ତେ ଯେଉଁ ଅଭିନୟ ପ୍ରଦର୍ଶନ କରାଯାଏ, ତାହାହିଁ ହେଉଛି ଯଥାର୍ଥରେ ଲୋକନୃତ୍ୟ । ନିରାଭରଣ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଅଭିବ୍ୟକ୍ତି ହେଉଛି ଲୋକନାଟକର ମୂଳ ଆଧାର । ଏହି ଧାରାରେ ଅନେକ ଆଲୋଚକ ପଶୁମୁଖା ନାଟକୁ ଲୋକନାଟକର ଆଦିମ ପର୍ଯ୍ୟାୟର ସୃଷ୍ଟି ଭାବରେ ଗ୍ରହଣ କରିଥାନ୍ତି । ମାନବ ଅରଣ୍ୟ ଭିତରେ ଆରମ୍ଭ କରିଛି ତା'ର ଜୀବନର ଅଭିସାର । ପ୍ରକୃତିର ବୈଚିତ୍ର୍ୟ ଠାରୁ ଆରମ୍ଭ କରି ଜୀବଜନ୍ତୁ, ପଶୁପକ୍ଷୀ ହୋଇଉଠିଛନ୍ତି ତା'ର ଅନ୍ତରଙ୍ଗ । ସେମାନଙ୍କ ବିଚିତ୍ର, ଭୟାନକ ଓ ସୌନ୍ଦର୍ଯ୍ୟମୟ ବିଭିନ୍ନ ଆଚରଣକୁ ଅନୁକରଣ କରି ଗଢ଼ିଉଠିଛି ପଶୁ ଓ ପଶୁମୁଖା ନାଚ । ବିଶ୍ୱାସ କରାଯାଏ- ପ୍ରାଚୀନ ପ୍ରସ୍ତର ଯୁଗରୁ ଏହା ବିକାଶ ଲାଭ କରିଛି । କ୍ରମେ ଏହି ନୃତ୍ୟ ବିକଶିତ ମାନବ ସମାଜର ଧାର୍ମିକ ଚେତନାକୁ ଆଧାର କରି ଭିନ୍ନ ରୂପ ଧାରଣ କରିଅଛି ।

ପଶୁମୁଖାନୃତ୍ୟର ଆଲୋଚନା ପ୍ରସଙ୍ଗରେ ପ୍ରଥମତଃ ଦୃଷ୍ଟି ଆକର୍ଷଣ କରିଥାଏ 'ଲୋକ ଆରାଧନା' ପରମ୍ପରା । ଓଡ଼ିଶାର ପ୍ରତ୍ୟେକ ଗ୍ରାମର ନାମକରଣ ଠାରୁ ଆରମ୍ଭ କରି ଜୀବନ ଧାରଣ ପ୍ରଣାଳୀ ସହ ଆଞ୍ଚଳିକ କୂଳଦେବତାଟିଏ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରିହୁଏ । ଏହି ଦେବତାର ସୃଷ୍ଟି ଅନ୍ତରାଳରେ ଜନ୍ମ-ମୃତ୍ୟୁ, ସୌଭାଗ୍ୟ-ଦୁର୍ଭାଗ୍ୟ, ବ୍ୟାଧି ଓ ପରିତ୍ରାଣର ସଂପର୍କ ଥାଏ ଅତି ଘନିଷ୍ଠ । ପ୍ରତ୍ୟେକ ଗ୍ରାମର ଏହି ଆରାଧ ପରାମ୍ପରାଟିର କେନ୍ଦ୍ରବିନ୍ଦୁ ହେଉଛି ନାରୀ । ଏଠାରେ ନଈପଠା କିମ୍ବା ଗ୍ରାମ ଉପକଣ୍ଠ ଥାଏ ଦେବୀଙ୍କ ଆସ୍ଥାନ । କାଷ୍ଠ, ପ୍ରସ୍ତରରେ ଗଢ଼ା ହୋଇଥାଏ ପ୍ରତିମା । କେତେବେଳେ ଏହା ପ୍ରାକୃତିକ ଶିଳା କିମ୍ବା କାଷ୍ଠ ଖଣ୍ଡରେ ପୂଜା ପାଇଥାଏ । ଏହି ଆରାଧନା ପୀଠରେ କାଷ୍ଠ, ମୃତ୍ତିକା, ଶିଳା, ପାଳ ନିର୍ମିତ ଘୋଡ଼ା ଓ ହାତୀ ତଥା ବିଭିନ୍ନ ପଶୁପକ୍ଷୀ ଭକ୍ତଙ୍କ ଦ୍ୱାରା ସମର୍ପିତ ହୋଇଥିବା ଦେଖିବାକୁ ମିଳେ । ଏହାର ଯାନିଯାତ୍ରା, ପର୍ବପର୍ବାଣି ଗ୍ରାମଦେବୀଙ୍କ ପାର୍ବଣ ଅବସରରେ ପ୍ରାୟତଃ ଭକ୍ତମାନଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ ।

ମୁଖା ଓ ପୋଷାକ ଧାରଣ କରି ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ତେଣୁ ଧାର୍ମିକ ପରମ୍ପରା ଭିତରୁ ପଶୁମୁଖା ନୃତ୍ୟ ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ । ଏହି ଗ୍ରାମ୍ୟ ଉପାସନା ପରମ୍ପରା ପରବର୍ତ୍ତି ସମୟରେ ରାମାୟଣ ଓ ମହାଭାରତର କାହାଣୀ ଓ ଘଟଣା ଆଧାରରେ ପରିବ୍ୟାପ୍ତ ହୋଇଥିବା ଅନୁମାନ କରାଯାଏ । ତେଣୁ ବସ୍ତୁତଃ କହିବାକୁ ଗଲେ ଲୋକବିଶ୍ୱାସ ଓ ଚଳଣି ହେଉଛି ପଶୁମୁଖା ନୃତ୍ୟର ମୁଖ୍ୟ ଆଧାର ।

ପଶୁମୁଖା ନୃତ୍ୟକୁ ଅନୁଧ୍ୟାନ କଲେ ଦେଖାଯାଏ ଏହା ହେଉଛି ଛଦ୍ମ ଆବରଣ ଧାରଣ କରି ବାସ୍ତବ ବ୍ୟକ୍ତିତ୍ୱକୁ ଗୋପନ ରଖି ଅନ୍ୟ ଏକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏକ ନାଟ୍ୟରୂପ । ସାଧାରଣତଃ ମୁଖକୁ ଆଚ୍ଛାଦନ ଓ ସ୍ଥଳ ବିଶେଷରେ ସମଗ୍ର ଶରୀରକୁ ଆଚ୍ଛାଦନ କରି ଏକ ପଶୁର ଚରିତ୍ର; କିମ୍ବା ଅନ୍ୟ କେତେକ ସ୍ଥଳେ ପ୍ରତୀକାତ୍ମକ ଭାବେ ଦୁଷ୍ଟ ଚରିତ୍ରକୁ ଆଧାର କରି ଏହା ପ୍ରଦର୍ଶିତ ହୋଇଥାଏ । ଏହାର ରୂପ ଥାଏ ପ୍ରାକୃତିକ କିନ୍ତୁ ପ୍ରଦର୍ଶିତ ନୃତ୍ୟର ଉଦ୍ଦେଶ୍ୟ ଥାଏ, ଆଞ୍ଚଳିକ କିମ୍ବା ସମୟ ଭିତ୍ତିକ । ତେଣୁ ଦୁଇଟି ସତ୍ତାର ପ୍ରକାଶ ପଶୁମୁଖା ନୃତ୍ୟରେ ଅନୁଭବ କରିହୁଏ । ଗୋଟିଏ ହେଉଛି ଛଳନାମୟ ବ୍ୟକ୍ତିତ୍ୱର ପ୍ରକାଶ, ଅନ୍ୟଟି ହେଉଛି ସ୍ୱପ୍ରକାଶ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ପାପପୁଣ୍ୟ ଭିତରେ ଏକ ସଂଘର୍ଷ । ଅନ୍ୟ କେତେଙ୍କ ଦୃଷ୍ଟିରେ ଏହା ହେଉଛି ଦୃଶ୍ୟ ଏବଂ ଅଦୃଶ୍ୟ ମଧ୍ୟରେ ସଂଘର୍ଷର ଇତିବୃତ୍ତ । ତେଣୁ ଆପଣାର ସତ୍ତା ଏବଂ ଅନ୍ୟ ଏକ ସତ୍ତା ଉଭୟକୁ ଆଧାର କରି ପଶୁମୁଖା ନାଚ ଗଢ଼ି ଉଠିଥିବା ଲକ୍ଷ୍ୟ କରିହୁଏ । ପ୍ରାୟତଃ ଏହା ପରମ୍ପରାଗତ ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ପ୍ରସାରିତ ହୋଇଥାଏ । ବ୍ୟକ୍ତିର ପରିଦୃଶ୍ୟମାନ ପ୍ରତିଫଳନ ଏହି ନୃତ୍ୟରେ ଅନୁଭବ କରିହୁଏ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ନାନ୍ଦନିକତା ଓ କାଳ୍ପନିକତାର ମଧୁର ସମନ୍ୱୟ ।

ଉପରୋକ୍ତ ଦୃଷ୍ଟିକୋଣ ନେଇ ଓଡ଼ିଶାର ଲୋକନୃତ୍ୟର ପ୍ରକାଶ କ୍ଷେତ୍ରକୁ ଅନୁଧ୍ୟାନ କଲାବେଳେ ପଶୁମୁଖା ନୃତ୍ୟର ମହତ୍ତ୍ୱକୁ ସ୍ପଷ୍ଟ ଅନୁଭବ କରିହୁଏ । ଓଡ଼ିଶାର ଭୌଗୋଳିକ ପରିମଣ୍ଡଳ ଅତୀବ ବୈଚିତ୍ର୍ୟପୂର୍ଣ୍ଣ । ସମତଳ, ଉପକୂଳ ଏବଂ ପାର୍ବତ୍ୟାଞ୍ଚଳର ତ୍ରିବିଧ ଚେତନାକୁ ନେଇ ଏହାର ସଂସ୍କୃତି ଗଢ଼ିଉଠିଛି । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ପରି ତିନୋଟି ଗୋଷ୍ଠୀର ଜୀବନଧାରଣ ସମନ୍ୱୟ ଏ ମାଟିକୁ କରିଛି ବୈଚିତ୍ର୍ୟ ବିମଣ୍ଡିତ । ବିଶେଷ କରି ପ୍ରାଚୀନ ଜନଜାତି ଏହାର ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ସଂଖ୍ୟାକୁ ଚିହ୍ନିତ କରିଥାଏ । ଏକ ବିଂଶ ଶତାବ୍ଦୀରେ ମଧ୍ୟ ଓଡ଼ିଶା ହେଉଛି ଏକ ଗ୍ରାମବହୁଳ ରାଜ୍ୟ । ବ୍ରହ୍ମପୁର, ସମ୍ବଲପୁର, କଟକ ପରି ନଗର ବୋଲାଉଥିବା ଅଞ୍ଚଳଗୁଡ଼ିକ ମଧ୍ୟ ଅନେକ ଗ୍ରାମର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାର ଲୋକାନୁଭୂତି ଅନୁରୂପ ଚେତନାକୁ ଆଧାର କରି ଗଢ଼ିଉଠିଥିବା ଅସ୍ୱାଭାବିକ ମନେ ହୁଏନାହିଁ । ତେଣୁ ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ବିବାହ ବ୍ରତ, ଉତ୍ସବରେ ଆରଣ୍ୟକ ଉଲ୍ଲାସର ସ୍ପର୍ଶକୁ ଅନୁଭବ କରିହୁଏ । ଚଇତି ଘୋଡ଼ା, ବାଘ, ବୃଷଭ, ରଣପା, ଚଢ଼େୟା ଚଢ଼େୟାଣୀ ଇତ୍ୟାଦି ଶୋଭାଯାତ୍ରାକୁ ଆନନ୍ଦ ମୁଖର କରିଥିବା ଲକ୍ଷ୍ୟ କରିହୁଏ । ତେଣୁ ଲୋକାନୁଭୂତିର ସାର୍ଥକ ପ୍ରତିଫଳନ ଭିତରେ ପଶୁମୁଖା ନାଚକୁ ଅନୁଧ୍ୟାନ କରାଯାଇପାରେ ।

ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ । ସେ କେତେକ ପଶୁଙ୍କୁ ଗୃହପାଳିତ ପଶୁରୂପେ ବ୍ୟବହାର କରେ ଓ ଆଉ କେତେକ ହିଂସ୍ର ପଶୁଙ୍କଠାରୁ ନିଜକୁ ଦୂରେଇ ରଖେ । ଏହି ସଂପର୍କକୁ ସେ ଯେଉଁ ନୃତ୍ୟ କଳା ମାଧ୍ୟମରେ ପ୍ରକାଶ କରେ ତାହାହିଁ ପଶୁମୁଖା ନାଚ । ବିଶ୍ୱର ଅନେକ ସ୍ଥାନରେ ଏହି କଳାର ପ୍ରଚଳନ ଥିଲେ ସୁଦ୍ଧା ଏହାର ବିକାଶ ଦିଗରେ ଗଞ୍ଜାମର ଘୁମୁସର ଅଞ୍ଚଳର ଅବଦାନ ଅନସ୍ୱୀକାର୍ଯ୍ୟ । ଫଳସ୍ୱରୂପ ପଶୁମୁଖା ନାଚ ଆଜି ଓଡ଼ିଆର ସାଂସ୍କୃତିକ ବୈଶିଷ୍ଟ୍ୟକୁ ନେଇ ଆପଣାର କୀର୍ତ୍ତି କାଳ ବକ୍ଷରେ ଆଙ୍କିପାରିଛି। ଓଡ଼ିଶାର ଗ୍ରାମ ବହୁଳ ସରଳ ମାନବର ସାର୍ଥକ ଅଭିବ୍ୟକ୍ତି ଏହି କଳା ରୂପରେ ସୁସ୍ପଷ୍ଟ । ମୁଖ୍ୟତଃ କହିବାକୁ ଗଲେ ଓଡ଼ିଶା ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଏକ ଅଞ୍ଚଳ। ଏଠାକାର ଆଦିବାସୀ ମୌଳିକ ସୁବିଧା ଏବଂ ସୁଯୋଗରୁ ଏଯାବତ ବଞ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ। କୃଷିଭିତ୍ତିକ ଜୀବନ ପ୍ରଣାଳୀକୁ ଅବଲମ୍ବନ କରି ଏହାର ବିପୁଳ ଜନତା କାଳ ଅତିବାହିତ କରିଥାନ୍ତି। ଆଧୁନିକ ଉଚ୍ଚମାନର ରଙ୍ଗମଞ୍ଚ, ଆଭୂଷଣ, ବାଦ୍ୟଯନ୍ତ୍ର, ଆଲୋକ ସଂପାଦ ଇତ୍ୟାଦି ଗ୍ରାମ୍ୟ ପରିସରରେ ସୁଲଭ ନୁହେଁ। ତେଣୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ ହେଉଛି ସ୍ୱଳ୍ପ ଖର୍ଚ୍ଚର ଲୋକନାଟକ। ଅବଶ୍ୟ ଏ କଥା ସତ୍ୟ ଇଂରେଜ ମାନଙ୍କ ଆଗମନ, ନୂତନ ଶିକ୍ଷାନୀତିର ପ୍ରଣୟନ, ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ ଦିଗରେ ଯଥେଷ୍ଟ ଉଦ୍ୟମ ସାଂସ୍କୃତିକ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି। ଏସବୁ ସତ୍ତ୍ୱେ ତଥାପି ବିପୁଳ ଜନତା ଏଯାବତ ପରମ୍ପରା ସହିତ ଘନିଷ୍ଠ ଭାବରେ ସଂପୃକ୍ତ। ଏହା ହିଁ ସବୁରି ଭିତରେ ଲୋକ ଜୀବନର ଅଭିବ୍ୟକ୍ତିକୁ ଅକ୍ଷୁର୍ଣ୍ଣ ରଖିପାରିଛି।

ଉପରୋକ୍ତ ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ପଶୁମୁଖା ନାଚର ପ୍ରାସଙ୍ଗିକତାକୁ ଏକବିଂଶ ଶତାବ୍ଦୀର ପୃଥିବୀରେ ବେଶ ଗୁରୁତ୍ୱର ସହ ବିଚାର କରାଯାଏ। ବାସ୍ତବିକ ଏ ନାଟକ ହେଉଛି ଗଣ ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ। ଏବଂ ଏହାର ଉପସ୍ଥାପନା ପାଇଁ ଯେକୌଣସି ପରିସର ମଧ୍ୟ ବ୍ୟବହାର କରାଯାଇପାରେ। ପୁଣି ସୀମିତ ସଂଖ୍ୟକ କଳାକାର ମଧ୍ୟ ଏହାକୁ ପରିବେଷଣ କରିପାରନ୍ତି। କେତେକ ମୁଖାକୁ ବାଦ ଦେଲେ ଏଥି ନିମନ୍ତେ ଅର୍ଥର ମଧ୍ୟ ଆବଶ୍ୟକତା ଥାଏ ଖୁବ୍ କମ। ତେଣୁ ପଶୁମୁଖା ନାଚ ଅତୀତ ଓ ସାଂପ୍ରତିକକୁ ଗୋଟିଏ ବିନ୍ଦୁରେ ସମାହିତ କରି ମନୋରଞ୍ଜନ ସହ ଜ୍ଞାନ ବିତରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଦେଖାଯାଏ ଯେ, ମାନସିକ ପୂରଣ ପରେ ଯାନିଯାତ୍ରାରେ ଏହି ନାଚ ପ୍ରଦର୍ଶନ କରିବା ନିମନ୍ତେ ମାନସିକ କରିଥାନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହା ଅଧିକ ଭାରି ହୋଇଥିବାରୁ ଦୁଇଟି କାଠ ପୋତି ମୁଖ୍ୟ ଛକ ଜାଗାମାନଙ୍କରେ ଦେଖଣାହାରିଙ୍କ ଦର୍ଶନ ନିମନ୍ତେ ମୁଖାକୁ ରଖାଯାଉଥିଲା। ପରେ କିନ୍ତୁ ଏହାକୁ ମନୋରଞ୍ଜନ ଧର୍ମୀ କରିବା ନିମନ୍ତେ ହାଲୁକା କରି ପ୍ରସ୍ତୁତ କରାଗଲା। ଏବଂ ଜନଗହଳି ରାସ୍ତାରେ ବେଶଗୁଡ଼ିକୁ ନଚାଇ ନଚାଇ ପ୍ରଦର୍ଶନ କରାଗଲା । ଏହି ନୃତ୍ୟରେ ମୁଖ୍ୟତଃ ବାଘ, ବୃଷଭ, ଘୋଡ଼ା, ହରିଣ ଇତ୍ୟାଦି ବେଶକୁ ମୂଳ ରୂପେ ବ୍ୟବହାର କରାଯାଏ । ପରବର୍ତ୍ତୀ ସମୟରେ ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଏହି ନୃତ୍ୟ ପରିବେଷଣ କରାଯାଉଥିବାରୁ ଏହା ନୃତ୍ୟ ଲୋକନୃତ୍ୟର ମାନ୍ୟତା ଲାଭ କରିଛି।

ଭାରତୀୟତା ଏବଂ ସନାତନ ସଂସ୍କୃତି

॥ ଗୋଲଖ ଚନ୍ଦ୍ର ଦାସ ॥

ଏହା ବାସ୍ତବରେ ଏକ ଐତିହାସିକ ଦିନ । ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଆସନ ଅଳଙ୍କୃତ କରିଛନ୍ତି । ପ୍ରଥମ ଜନଜାତୀ ମହିଳା ଭାରତର ପ୍ରଥମ ନାଗରିକ ହୋଇ ରାଷ୍ଟ୍ରୀୟ ଭବନରେ ପ୍ରବେଶ କରିଛନ୍ତି । ଏହି ଦିନଟି କେବଳ ଏହି ଦେଶର ୧୨ କୋଟିରୁ ଅଧିକ ଜନଜାତୀ ସମାଜ ପାଇଁ ନୁହେଁ, ବରଂ ସମଗ୍ର ଭାରତ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଗଲା । ଆଜି ସମଗ୍ର ଦେଶବାସୀଙ୍କ ମସ୍ତକ ଗର୍ବରେ ଉଚ୍ଚରେ ରହିଛି । ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବରେ ଜଣେ ଜନଜାତୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠାନ କରାଇବା, ଦେଶର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଘଟଣା ଭାବରେ ବିବେଚନା କରାଯାଉଛି ।ଏକ ଗୌରବଶାଳୀ ପରମ୍ପରା, ସଂସ୍କୃତି ସହିତ ସଂସ୍କାରୀତ ଜୀବନ ଯାପନ କରିବା ଏହି ଦେଶର ଏକ ପ୍ରମୁଖ ଉପାଦାନ ବା ଅଂଶଭୂତ । ଏହାସତ୍ତ୍ୱେ ଯେଉଁ ସମାଜ ପଛୁଆ, ଅନ୍ଧବିଶ୍ୱାସୀ, ନିଶାସକ୍ତ ଭାବରେ ଚିତ୍ରିତ ହୋଇ ବର୍ଷବର୍ଷ ଧରି ଅବହେଳିତ ହୋଇ ଆସିଛି , ଏପରି ସମାଜର ଜଣେ ବ୍ୟକ୍ତି, ସେ ଜଣେ ମଧ୍ୟ ମହିଳା ଦେଶର ସର୍ବୋଚ୍ଚ ପଦରେ ପହଁଚିଛନ୍ତି , ଏହା ଦେଶ ପାଇଁ ଏକ ଶୁଭ ସଂକେତ । ୭୫ ବର୍ଷ ବିଳମ୍ବ ହୋଇଥିଲେ ମଧ୍ୟ, ଜନଜାତୀ ସମାଜକୁ ତାଙ୍କର ଅଂଶ, ଭାଗିଦାରୀ ଦେବା ପାଇଁ ଏହା ଏକ ଉପଯୁକ୍ତ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ଏହା ସତ୍ୟ ଯେ, ଜନଜାତୀ ସମାଜ ବିଷୟରେ ଆଜି ମଧ୍ୟ ସଂପୂର୍ଣ୍ଣ ଦେଶରେ ଭୁଲ ପ୍ରତିଛବି ସୃଷ୍ଟି ହୋଇଛି । ଆମ ସମାଜ ମଧ୍ୟରୁ ଏହିପରି ଭ୍ରାନ୍ତଧାରଣା ଦୂରକରିବାର ଆବଶ୍ୟକତା ଥିଲା । ଦୁର୍ଭାଗ୍ୟବଶତ ଏହି ଦେଶ ଜନଜାତୀ ସମାଜର ଆକ୍ରୋଶକୁ କେବେ ବୁଝି ପାରିନଥିଲା । ଜନଜାତୀ ସମାଜର ଏତେ ବଡ ସ୍ୱର ନଥିଲା କି ସେମାନଙ୍କର ନେତୃତ୍ୱ ମଧ୍ୟ ନଥିଲା । ଯେଉଁଥିପାଇଁକି ସମଗ୍ର ସମାଜ ନିକଟରେ ସେମାନଙ୍କ ଧ୍ୱନୀ ପ୍ରତିଧ୍ୱନୀତ୍ୱ ହୋଇ ପାରୁନଥିଲା ।

ଜନଜାତୀ ସମାଜ ଉପରେ ଯେତେବେଳେ ବିଶ୍ୱାସ ସୃଷ୍ଟି ହୋଇଛି, ଯେତେବେଳେ ସେମାନଙ୍କୁ ସୁଯୋଗ ମିଳିଛି, ସେମାନେ ଦ୍ରୁତ ଗତିରେ ପ୍ରଗତି ଆଡକୁ ଅଗ୍ରସର ହେବାର ଅନେକ ଉଦାହରଣ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ରାଜନୀତିରେ ହେଉ, ସାମାଜିକ କ୍ଷେତ୍ରରେ ହେଉ କିମ୍ବା କ୍ରୀଡା କ୍ଷେତ୍ରରେ, ଜନଜାତି ସମାଜ ସର୍ବଦା ନିଜର ପ୍ରତିଭାକୁ ପ୍ରମାଣିତ କରି ଦେଶର ଗୌରବ ବଢାଇଛନ୍ତି । ଇଂରେଜମାନେ ଯେଉଁ ବିକୃତମାନସିକତାରେ ଜନଜାତି ସମାଜକୁ ଦେଖୁଥିଲେ ତାହା ମଧ୍ୟ ଦେଶ ସ୍ୱାଧୀନତା ପରେ ପରିବର୍ତ୍ତନ ହୋଇନଥିଲା । ଯେଉଁ ସମାଜରେ ବିର୍ସା ମୁଣ୍ଡା, ରାଣୀ ଗାଇଡିନଲ୍ୟୁ, ରାଣୀ ଦୁର୍ଗାବତୀ, ରାଘୋଜୀ ଭାଙ୍ଗରଙ୍କ ପରି ଶହ ଶହ ବୀର କ୍ରାନ୍ତିକାରୀ ଭାରତକୁ ବ୍ରିଟିଶ ଦାସତ୍ୱରୁ ମୁକ୍ତ କରିବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ, ଏପରି ସମାଜ କିପରି ପଛୁଆ ହୋଇ ରହିପାରିବ ? ଦୁର୍ଭାଗ୍ୟବଶତ ସ୍ୱାଧୀନ ଭାରତରେ ବ୍ରିଟିଶମାନଙ୍କ ନୀତି ହେତୁ ଜନଜାତୀ ସମାଜ ମଧ୍ୟ ସେହି ରାସ୍ତାରେ ପାଦ ଥାପି ଚାଲିଥିଲେ । ସ୍ୱାଧୀନତା ପରେ ବିଭିନ୍ନ ରାଜନୈତିକ ଦଳ ଜନଜାତି ସମାଜକୁ ନିଜର ଭୋଟ ବ୍ୟାଙ୍କ ରୂପରେ ବ୍ୟବହାର କରୁଥିଲେ । କଂଗ୍ରେସ ସରକାର ଦଶନ୍ଧି ଧରି ଶାସନ କରିବା ପରେ ମଧ୍ୟ ଜନଜାତି ସମାଜ ଲୋକଙ୍କ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ନଥିଲା କିମ୍ବା ଦେଶର ସର୍ବୋଚ୍ଚ ପଦ ପାଇଁ ସେମାନେ ଯୋଗ୍ୟ ବୋଲି କେବେ ବିବେଚନା କରିନଥିଲା । ବର୍ତ୍ତମାନ ସରକାର ଜଣେ ଜନଜାତି ମହିଳାଙ୍କୁ ଯେଉଁ ବିଶ୍ୱାସର ସହିତ ରାଷ୍ଟ୍ରପତି ପଦରେ ବସାଇଛନ୍ତି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସମସ୍ତ ଦଳର ସମର୍ଥନରେ ଯଦି ନିର୍ବାଚିତ ହୋଇଥାନ୍ତେ ତାହା ହେଲେ ଭଲ ହୋଇଥାନ୍ତା । ବର୍ଷ ବର୍ଷ ଧରି ଏହି ଦେଶର ଯେଉଁ ସମାଜ ଅବହେଳା, ଅନ୍ୟାୟର ଶିକାର ହୋଇଛି, ସେହି ସମାଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିନିଧିତ୍ୱ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ କରୁଛନ୍ତି । ଯେଉଁ କାରଣରୁ ଏକ ସମରସତା ଯୁକ୍ତ ବାତାବରଣ ସୃଷ୍ଟି ହୋଇ ଏହି ଦେଶ ଦ୍ରୁତ ଗତିରେ ପ୍ରଗତି ଆଡକୁ ଗତି କରିବ, ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି ।

ଦ୍ରୌପଦୀ ମୁର୍ମୁ ଯେଉଁ ଜନଜାତୀ ସମାଜରୁ ଆସିଛନ୍ତି, ପ୍ରାୟ ୧୨ କୋଟିର ଜନଜାତୀ ସମାଜ ଏବେ ମଧ୍ୟ ବିଭିନ୍ନ ସମସ୍ୟା ସହ ସଂଘର୍ଷ କରୁଛନ୍ତ । ଆଜି ବି ଏହି ସମଗ୍ର ଅଂଚଳରେ ମୌଳିକ ବ୍ୟବସ୍ଥାର ଅଭାବ ଦୃଶ୍ୟମାନ ହେଉଛି । ଦେଶର ସର୍ବୋଚ୍ଚ ମୁଖ୍ୟ ଭାବରେ ଦ୍ରୌପଦୀ ମୁର୍ମୁ ଏହି ସମାଜର ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ଆଶା କରାଯାଉଛି । ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଗତିବିଧି ଯେପରି ଆଦିବାସୀ ସମାଜକୁ ବ୍ୟବହାର କରି ସେମାନଙ୍କୁ ଏହି ଦେଶ ବିରୁଦ୍ଧରେ ଠିଆ କରିବାକୁ ପ୍ରୟାସ କରିଛି । ସେହି ପ୍ରୟାସକୁ ବିଫଳ କରିବା ତାଙ୍କର ପ୍ରାଥମିକତା ହେବା ଉଚିତ । ବିଦେଶୀ ଶକ୍ତିର ଷଡଯନ୍ତ୍ର ମାଧ୍ୟମରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ଜନଜାତୀମାନଙ୍କୁ ବହୁଳ ମାତ୍ରାରେ ଧର୍ମାନ୍ତରୀଣ କରାଯାଉଛି । କିଛି ବିଶେଷ ଗୋଷ୍ଠୀମାନଙ୍କ ଦ୍ୱାରା ଜନଜାତୀ ସମାଜ ପାଇଁ ଅଲଗା ଧର୍ମ କୋର୍ଡ ଦାବି ହେଉଛି । ଏସବୁ ଭାରତ ବିରୋଧୀ ଏଜେଣ୍ଡାର ଏକ ଅଂଶ ବିଶେଷ ଯାହା ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରାଯାଉଛି । ଯେଉଁଥିରେ ଜନଜାତୀ ସମାଜର ଲୋକମାନେ ସେମାନଙ୍କର ଷଡଯନ୍ତ୍ରର ଶିକାର ହେଉଛନ୍ତି । ଏହି ଦୃଷ୍ଟିକୋଣରୁ ମଧ୍ୟ ତାଙ୍କୁ ଜନଜାତୀ ସମାଜର ସମସ୍ୟାର ମୂଳ କାରଣ ଖୋଜିବାକୁ ଚେଷ୍ଟା କରିବାକୁ ପଡିବ । ନିଜର ବ୍ୟକ୍ତିଗତ ଜୀବନରେ ସମସ୍ତ ପ୍ରକାର ସଘର୍ଷର ସମ୍ମୁଖୀନ ହୋଇ ଦ୍ରୌପଦୀ ମୁର୍ମୁ ଯେପରି ସାମାଜିକ ତଥା ରାଜନୈତିକ ଜୀବନରେ ନିଜକୁ ପ୍ରତିଷ୍ଠିତ କରିଥିଲେ, ସେହି ଅଭିଜ୍ଞତା ଆଧାରରେ ରାଷ୍ଟ୍ରପତି ଭାବରେ ସେ ମଧ୍ୟ ଏହି ଦେଶର ଏକତା ତଥା ଅଖଣ୍ଡତା ପାଇଁ ନିଜର ସର୍ବୋଚ୍ଚ ଯୋଗଦାନ କରିବେ ବୋଲି ଦେଶବାସୀଙ୍କର ବିଶ୍ୱାସ ଅଛି । ତାଙ୍କର ଦୃଢ ବିଶ୍ୱାସ ଏବଂ ଇଚ୍ଛାଶକ୍ତି ଏଥିରୁ ବୁଝିବାକୁ ହେବ ଯେ ସ୍ୱାମୀ ଏବଂ ପିଲାମାନଙ୍କୁ ହରାଇବା ପରେ ମଧ୍ୟ ସେ ସମାଜ ସମସ୍ୟାର ସମାଧାନ ପାଇଁ ସଂଗ୍ରାମରୁ ବିରତ ରହିନାହାଁନ୍ତି ସମାଜରେ ସଚେତନତା ଆଣିବା ପାଇଁ ସେ ବ୍ୟାପକ କାର୍ଯ୍ୟ କରିଛନ୍ତି । ସାମ୍ବିଧାନିକ ପଦବୀରେ ରହି ମଧ୍ୟ ସମାଜର ସମସ୍ୟାକୁ ଜାତୀୟସ୍ତରରେ ଉଠାଇଛନ୍ତି । ଯେଉଁଦିନ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ କରାଯାଇଥିଲା, ସେହି ଦିନ ସକାଳେ ସେ ନିଜ ଜନ୍ମସ୍ଥାନ ରାଇରଙ୍ଗପୁରର ଶିବ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ । ଏହି ପୂଜା ସହିତ ସେ ସମଗ୍ର ସମାଜକୁ ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ଏକତାର ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅଦ୍ଭୁତପୂର୍ବ ଥିଲା ।

ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୫୩

ଭାବା ଓ ଶାସ୍ତ୍ରୀଙ୍କ ହତ୍ୟା ପଛରେ ଆମେରିକା

॥ ସୌମେନ୍ଦ୍ର ଜେନା ॥

ବିଗତ ଶତାବ୍ଦୀର ସତୁରୀ ଦଶକରେ ଦୁଇଦୁଇଟି ଆକସ୍ମିକ ମୃତ୍ୟୁକୁ ନେଇ ଭାରତବର୍ଷ ଚିନ୍ତାରେ ପଡିଥିଲା । ଦେଶର ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଏବଂ ବରିଷ୍ଠ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବାଙ୍କ ମୃତ୍ୟୁକୁ କେନ୍ଦ୍ରକରି ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ସେ ସମୟରେ ପାକ୍ ଆମେରିକାର ସହଯୋଗୀ ଥିଲାବେଳେ ଭାରତ ସୋଭିଏତ ଋଷିଆର ସହଯୋଗୀ ରାଷ୍ଟ୍ର ଥିଲା । ଭାରତ -ପାକିସ୍ଥାନ ମଧ୍ୟରେ ୧୯୬୫ ଯୁଦ୍ଧର ପରିସମାପ୍ତି ପାଇଁ ତାସକେଣ୍ଟଠାରେ ଶାନ୍ତି ରାଜିନାମା ହେବା ପରେ ଶାସ୍ତ୍ରିଜୀଙ୍କ ମୃତ୍ୟୁ ଏବଂ ଅଳ୍ପ କେଇଦିନ ଅନ୍ତରରେ ହୋମି ଭାବାଙ୍କ ୟୁରୋପର ଆଲପସ ପର୍ବତମାଳାରେ ବିମାନ ଦୁର୍ଘଟଣାରେ ମୃତ୍ୟୁକୁ ଲୋକେ ସହଜରେ ଗ୍ରହଣ କରିପାରିନଥିଲେ । କେହି କେହି ଶାସ୍ତ୍ରିଜୀଙ୍କ ହତ୍ୟା ପାଇଁ ସୋଭିଏତ୍ ଷଡଯନ୍ତ୍ର ଥିବା କହୁଥିଲା ବେଳେ ଅନ୍ୟ କେହି ଇନ୍ଦିରାଙ୍କ କ୍ଷମତା ଲିପ୍ସା ଯୋଗୁ ଏହା ହୋଇଥିଲା ବୋଲି ଆଜିଯାଏଁ ସନ୍ଦେହ ପ୍ରକାଶ କରିଆସିଛନ୍ତି । ଋଷିଆର ଗୁପ୍ତଚର ସଂସ୍ଥା କେଜିବି ମାଧ୍ୟମରେ ଇନ୍ଦିରା ଶାସ୍ତ୍ରିଜୀଙ୍କୁ ହତ୍ୟା କରିଥିବା ଅନେକଙ୍କ ମନରେ ବସା ବାନ୍ଧିଥିଲା । ହେଲେ ଭାବାଙ୍କ ବିମାନ ଦୁର୍ଘଟଣାକୁ ବିଦେଶୀ ଷଡଯନ୍ତ୍ର ଭାବେ ପ୍ରଥମରୁ ଲୋକେ ସନ୍ଦେହ କରିଆସିଛନ୍ତି । କିନ୍ତୁ ସିଆଇଏର ଜଣେ ପୁରୁଣା ଅଧିକାରୀ ରୋବର୍ଟ ଟି.କ୍ରଲେଙ୍କ ସାକ୍ଷାତକାର ଆଧାରରେ ଲିଖିତ ପୁସ୍ତକରେ ଏହି ଦୁଇଟି ହତ୍ୟା ପଛରେ ସିଆଇଏର ଭୂମିକା ଥିବା ଉଲ୍ଲେଖ ରହିଛି ।

ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଅପରେସନ ଦାୟିତ୍ୱରେ ଥିଲେ ସେକେଣ୍ଡ କମାଣ୍ଡ ରବର୍ଟ କ୍ରଲେ । ତାଙ୍କ ସହ ସାକ୍ଷାତ କରିଥିବା ଗ୍ରେଗୋରୀ ଡଗଲାସ କ୍ରଲେଙ୍କ ପ୍ରଦତ୍ତ ସାକ୍ଷାତକାରକୁ ସଂକଳିତ କରି 'କନ୍‌ଭରସେସନ ୱିଥ୍ କ୍ରୋ' ଶୀର୍ଷକ ଏକ ପୁସ୍ତକ ପ୍ରସ୍ତୁତ କରିଛନ୍ତି । ସେହି ପୁସ୍ତକରେ ଅତୀତରେ ସିଆଇଏ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ସେ ସଂପର୍କରେ ଘଟଣାର ଉଲ୍ଲେଖ ରହିଛି । ଆମେରିକାର ଶତ୍ରୁ ଋଷିଆର ନିକଟ ସଂପର୍କରେ ଥିବା ଭାରତ ବିରୁଦ୍ଧରେ ସିଆଇଏ ଯେଉଁ ଅପରେସନ କରିଥିଲା ସେ ବିଷୟରେ କ୍ରଲେ ବର୍ଣ୍ଣନା କରିଛନ୍ତି । ପାକିସ୍ଥାନକୁ ନିଜ ବନ୍ଧୁରାଷ୍ଟ୍ର ଭାବେ ଗ୍ରହଣ କରିଥିବା ଆମେରିକା ଗତ ଶତାବ୍ଦୀର ସତୁରୀ ଦଶକରେ କିପରି ଭାରତର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଏବଂ ପରମାଣୁ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବାଙ୍କୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଦୁଇଟି ଭିନ୍ନ ଭିନ୍ନ ରାଷ୍ଟ୍ରରେ ହତ୍ୟା କରିଥିଲା ସେ ବିଷୟରେ କ୍ରୋ ଉଲ୍ଲେଖ କରିଛନ୍ତି । ବିଶ୍ୱରେ ପରମାଣୁର ଗବେଷଣାକୁ ନିରୁତ୍ସାହିତ କରିବା ଲାଗି ମିଥ୍ୟା ଅଭିଯୋଗ କ୍ୟୁବାର ଫିଡେଲ କାଷ୍ଟ୍ରୋ, ମିଶରର ଗଦାଫି, ଇରାକର ରାଷ୍ଟ୍ରପତି ସଦ୍ଦାମ୍ ହୁସେନଙ୍କ ବିରୋଧରେ ଆଣି ଅସ୍ଥିରତା ସୃଷ୍ଟି କରିଥିଲେ ମଧ୍ୟ ଆମେରିକାର କୌଣସି ଅଭିଯୋଗ ପରବର୍ତ୍ତୀ କାଳରେ ପ୍ରମାଣିତ ହୋଇପାରିନାହିଁ । ଏପରିକି ଯେଉଁ ପରମାଣୁ ବୋମା ନିର୍ମାଣ ପାଇଁ ସଦ୍ଦାମ ହୁସେନଙ୍କ ବିରୁଦ୍ଧରେ ଆମେରିକା ଯୁଦ୍ଧ ଘୋଷଣା କରି ଇରାକକୁ ଦୁଇ ଦଶନ୍ଧିରୁ ଅଧିକ କାଳ ପର୍ଯ୍ୟନ୍ତ ରାଜନୈତିକ ଅସ୍ଥିରତା ଓ ସନ୍ତ୍ରାସ ମଧ୍ୟକୁ ଠେଲିଦେଇ ସଦ୍ଦାମଙ୍କୁ ହତ୍ୟାକଲା ତାହା ମିଥ୍ୟା ଆଧାରିତ ଥିଲା ବୋଲି ପରେ ସ୍ପଷ୍ଟ ହେଲା । ଆମେରିକା ମିଛରେ ମିଛରେ ସଦ୍ଦାମଙ୍କୁ ହତ୍ୟା କରିଥିବା ବିଷୟ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପରବର୍ତ୍ତୀ ସମୟରେ ନିଜେ ସ୍ୱୀକାର କରିଥିଲେ । ସେହି କ୍ରମରେ ଅନ୍ୟ କୌଣସି ରାଷ୍ଟ୍ର ଯେପରି ପରମାଣୁ ଶକ୍ତି ସଂପନ୍ନ ନ ହେଉ ଆମେରିକା ମୂଳରୁ ତାହା ଋହିଁ ଆସିଛି । ତେଣୁ ସେହି ଲକ୍ଷ୍ୟରେ କ୍ୟୁବା, ଭାରତ, ଇରାନ, ଇରାକ ଆଦି ରାଷ୍ଟ୍ରକୁ ଟାର୍ଗେଟରେ ରଖି ଆସିଛି ଆମେରିକା । ଆପଣାର ଆଧିପତ୍ୟ ଓ ସ୍ୱାର୍ଥପାଇଁ ବିଶ୍ୱର ଅନେକ ରାଷ୍ଟ୍ରରେ ଅଯଥାରେ ଅସ୍ଥିରତା ସୃଷ୍ଟି କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁଦ୍ଧ ନିଜେ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲଢ଼ିଛି, ଯୁଦ୍ଧର କାରଣ ମଧ୍ୟ ହୋଇଛି । ଏହି ଅସ୍ଥିରତାକୁ କାଏମ ରଖିପାରିଲେ ଅସ୍ତ୍ରବଜାର ଗରମ ରହିବା ସହ ଗୁଳିଗୋଳା,କ୍ଷେପଣାସ୍ତ୍ର,ଯୁଦ୍ଧବିମାନ ବିକ୍ରିର ବଜାର ବଢିବ ଏବଂ ସେହି ବଜାରରୁ ଆମେରିକା ଲାଭ ପରେ ଲାଭ କରିଋଲିବ; ଏହି ଲକ୍ଷ୍ୟରେ ଆରମ୍ଭରୁ ଆଜିଯାଏ ଆମେରିକା ନିଜ ଉଦ୍ଦେଶ୍ୟ ସାଧନ ଲାଗି କାର୍ଯ୍ୟ କରିଆସିଛି ।

ଏକଥା ସତ ଯେ ସ୍ୱାଧୀନତା ପରେ ପାକିସ୍ଥାନ ଆମେରିକା କ୍ୟାମ୍ପରେ ରହି ୧୯୫୪ରେ ସେନାବାହିନୀର ଆଧୁନିକୀକରଣ ପାଇଁ ନୂଆ ଅସ୍ତ୍ର କ୍ରୟ ପାଇଁ ଚୁକ୍ତି କରି ୧୯୬୦ ସୁଦ୍ଧା ଯୁଦ୍ଧାସ୍ତ୍ର ଲାଭ କରି ସାରିଥିଲା। ୧୯୬୨ରେ ଚୀନ-ଭାରତ ଯୁଦ୍ଧର ପରିଣାମ ପାକ୍ ସରକାରଙ୍କୁ ଭାରତ ଉପରେ ଆକ୍ରମଣ କରିବା ପାଇଁ ପ୍ରୋତ୍ସାହିତ କରିଥିଲା । ୧୯୬୪ରେ ନେହେରୁଙ୍କ ମୃତ୍ୟୁ ହୋଇ ସାରିଥିବାରୁ ଲାଲବାହାଦୂରଙ୍କୁ ପାକ୍-ସରକାର ଜଣେ ଶକ୍ତିଶାଳୀ ନେତା ବୋଲି ଗ୍ରହଣ କରୁନଥିଲେ । ଭାରତ ଉପରେ ସଣ୍ଢୁଆସୀ ଆକ୍ରମଣ କଲେ ଅଳ୍ପ ଦିନରେ ଭାରତ ପଛକୁ ହଟିବ ବୋଲି ପାକ୍ ରାଷ୍ଟ୍ରପତି ଆୟୁବ ଖାଁ ଭାବିଥିଲେ । ଏପଟେ ପାକ୍ - ଆମେରିକା-ଚୀନ ଗୋଟିଏ ଗୋଷ୍ଠୀରେ ଥିଲାବେଳେ ଭାରତ ସୋଭିଏତ ସରକାରଠାରୁ ଯାହା କିଛି ପୁରୁଣା ହତିଆର ସହ ବ୍ରିଟେନ ସେନା ଛାଡିଯାଇଥିବା ଅସ୍ତ୍ରଶସ୍ତ୍ରକୁ ଆଧାର କରି ଋଲିଥିଲା ।



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଭାରସାମ୍ୟ ହରାଇ ଓଲଟିଲା କୋଇଲା ବୋଝେଇ ଟ୍ରକ୍, ଚାଳକ ଅଳ୍ପକେ ବର୍ତ୍ତିଲେ

ରେଢ଼ାଖୋଲ, (ମହାଭାରତ): ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ନିକଟସ୍ଥ ବେଲଡିହି ଛକଠାରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ଏକ ଦୃତଗାମୀ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥରେ ଯାଉଥିବା ବେଳେ ବେଲଡିହି ଛକ ନିକଟର ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍ ?ରେ ଥିବା କୋଇଲା ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ରକ୍ ?ଟି ଜାତୀୟ ରାଜପଥ ଉପରେ ପଡ଼ି ରହିଥିବାରୁ ଅନ୍ୟ ଯାନବାହନ ଚଳାଚଳରେ ବାଧା ପ୍ରାପ୍ତ ହୋଇଥିଲା। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣାରେ ଚାଳକଙ୍କ ଜୀବନ ଅଳ୍ପକେ ବଞ୍ଚି ଯାଇଥିଲା।

ବନ ବିଭାଗ ଓ ଫାଁଶିପଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ

ଓଡ଼ଗାଁ, (ମହାଭାରତ):ଓଡ଼ଗାଁ ବନାଞ୍ଚଳ ଗ୍ରାମ୍ୟଜଙ୍ଗଲ ଭିତରେ ପଶି ଫାଁଶିପଲ୍ଲୀ ଗ୍ରାମବାସୀ କାଠ କାଟିବା ଘଟଣାକୁ ନେଇ ବନକର୍ମଚାରୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗ୍ରାମବାସୀ ବନ କର୍ମଚାରୀଙ୍କୁ ଘେରିଯାଇ ଗାଡ଼ିଚାବି ଓ ମୋବାଇଲ ଛଡ଼ାଇ ନେବାସହିତ ଗଛରେ ବାନ୍ଧି ପିଟିବେ ବୋଲି ଧମକାଇ ଥିଲେ। ଏବେ ଉଭୟଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଛି ।ବନବିଭାଗ ପକ୍ଷରୁ ଶରଣକୁଳ ଥାନାରେ ଅଭିଯୋଗ ହୋଇଥିବାବେଳେ ଗ୍ରାମବାସୀ ବନକର୍ମଚାରୀଙ୍କ ନାଁରେ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ ଫାଁଶିପଲ୍ଲୀ ଗାଁକୁ ଲାଗି ଗ୍ରାମ୍ୟଜଙ୍ଗଲ ରହିଛି ।ଗ୍ରାମବାସୀ ଗ୍ରାମ୍ୟଜଙ୍ଗଲର



ସୁରକ୍ଷା ମଧ୍ୟ କରିଥାନ୍ତି ।ଗତକାଲି ଫାଁଶିପଲ୍ଲୀ ଗ୍ରାମର କେତେକ ବ୍ୟକ୍ତି ଜଙ୍ଗଲରେ ପଶି ଧାନଗଦା ମାରିବାକୁ କାଠ କାଟୁଥିବାବେଳେ ଫରେଷ୍ଟ ଗାର୍ଡ ପହଞ୍ଚି ସେମାନଙ୍କୁ ବାରଣ କରିଥିଲେ ।କିନ୍ତୁ ସେମାନେ ନଶୁଣି କାଠକାଟି ଚାଲିଥିଲେ ।ଗାର୍ଡ଼ ସେମାନଙ୍କ ଠାରୁ ୪ଟି କୁରାଢି ଛଡ଼ାଇ ଆଣିବାପରେ ଗ୍ରାମବାସୀ ଗାର୍ଡ଼ଙ୍କ ସହିତ ଝଗଡ଼ାକରି କୁରାଢି ନେଇ ଯାଇଥିଲେ ।ଖବରପାଇ ଓଡ଼ଗାଁ ବନପାଳ ସରିତା ବରାଳ ଓ ପ୍ରୋଟେକ୍ସନ ସ୍ୱାର୍ଡ଼ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଗାଁର ଶତାଧିକ ମହିଳା ପୁରୁଷ ସେମାନଙ୍କୁ ଘେରି ଯାଇଥିଲେ ।ଆମ ଜଙ୍ଗଲ ଆମେ ସୁରକ୍ଷା ଦେଉଛୁ ବୋଲି କହି ବନ କର୍ମଚାରୀଙ୍କୁ ଠେଲାପେଲା କରିଥିଲେ ।ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି କଥା କଟାକଟି ଚାଲିଥିଲା ।ଜଙ୍ଗଲରୁ କାଠ କାଟିବା ପାଇଁ ବନ ବିଭାଗର ଅନୁମତି ଆବଶ୍ୟକ ବୋଲି କହିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରିନଥିଲେ ।ପରିସ୍ଥିତି ନିୟନ୍ତ୍ରଣାଧୀନ ହେବାରୁ ବନ ବିଭାଗ ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲେ ମଧ୍ୟ ଘଟଣା ସ୍ଥଳରେ ପୁଲିସ ପହଞ୍ଚିନଥିଲା ।ବନ କର୍ମଚାରୀମାନେ ଅଫିସ ଆସି ଲିଖିତ ଭାବେ ଅଭିଯୋଗ ଦିଅ ଏବଂ ବେଆଇନ ଭାବେ କାଠକାଟିବା ଏବଂ କୁରାଢି ପାଇଁ ୨ଶହ ଟଙ୍କା ଲେଖାଏଁ ରସିଦ କାଟିବାକୁ କହିଥିଲେ ମଧ୍ୟ କେହି ଧରାଛୁଆଁ ଦେଇନଥିଲେ। ଏଭଳି ୩ଘଣ୍ଟା ଧରି ଖାସେରା ଜଙ୍ଗଲ ମଧ୍ୟରେ ନାଟକବାଜୀ ଚାଲିଥିଲା। ଶେଷରେ ଘଟଣା ସ୍ଥଳରୁ ବନ କର୍ମଚାରୀମାନେ ଫେରି ଆସିଥିଲେ। ଏପଟେ ଗ୍ରାମବାସୀମାନେ ମୂଲ୍ୟବାନ ନୁହେଁ ଅଦରକାରୀ ଗଛ କଟାଯାଇଛି ବୋଲି କହିଛନ୍ତି ।ଯଦି ଜଙ୍ଗଲ ଗ୍ରାମବାସୀଙ୍କ କାମରେ ଆସିବନି ତେବେ ଜଙ୍ଗଲ ସୁରକ୍ଷା ଆମର ଦାୟୀତ୍ୱ ନୁହେଁବୋଲି କହି ଅସନ୍ତୋଷ ପ୍ରକାଶ କରିଥିଲେ ।ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ ଶୁଣିନଥିଲେ। ଗତକାଲି ସନ୍ଧ୍ୟାରେ ରେଞ୍ଜର ଶ୍ରୀମଲ୍ଲିକ ଓ ବନପାଳ ସରିତା ବରାଳ ଶରଣକୁଳ ଥାନାରେ ପହଞ୍ଚି ଗ୍ରାମର କିଛି ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ କରିଥିବାବେଳେ ଫାଁଶିପଲ୍ଲୀ ଗ୍ରାମବାସୀ ଶରଣକୁଳ ଥାନାରେ ବନ କର୍ମଚାରୀଙ୍କ ନାମରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି।

ଛାତ୍ର ସଂସଦ କାର୍ଯ୍ୟକ୍ରମରେ ଦଶପଲ୍ଲାର ମୌସମୀ ରାଜ୍ୟସ୍ତରକୁ ମନୋନୀତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲାସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଆଦର୍ଶ ଛାତ୍ର ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଜିଲ୍ଲାର ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ମନୋନୀତ କରାଯାଇଥିଲା ।ଏଥିରେ ଆୟୋଜକ ବିଦ୍ୟାଳୟର ୧୦ ଜଣ ଛାତ୍ରୀ ମନୋନୀତ ହୋଇଥିବାବେଳେ ଜିଲ୍ଲାରୁ ଦୁଇଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ 'ଜାତିସଂଘ ସଂସଦ' ପାଇଁ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ମୌସମୀ ମହାପାତ୍ର ସ୍ଥାନ ପାଇ ନୟାଗଡ଼ ଜିଲ୍ଲାର ପ୍ରତିନିଧିତ୍ୱ କରିବାର ସୁଯୋଗ ଲାଭ କରିଛନ୍ତି ।ମୌସମୀଙ୍କ ଏହି ସଫଳତା ଦଶପଲ୍ଲା ଅଞ୍ଚଳ ପାଇଁ ଗୌରବ ଆଣିବା ସହ ବିଦ୍ୟାଳୟର ସୁନାମ ବୃଦ୍ଧି କରିଛି। ତାଙ୍କର ଏହି କୃତିତ୍ୱକୁ ନେଇ ବିଦ୍ୟାଳୟ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ଗାଁ ଗାଁରେ କ୍ଲିନିକ୍ ଖୋଲି ରୋଗୀଙ୍କଠାରୁ ଟଙ୍କା ଆଦାୟ ଅଭିଯୋଗ ! ନିରୀହ ରୋଗୀଙ୍କ ସ୍ୱାସ୍ଥ୍ୟ ସହ ଖେଳ, ପ୍ରଶାସନର କେବେ ପଡ଼ିବ ନଜର ?

ପାଟଣାଗଡ, (ମହାଭାରତ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଅଞ୍ଚଳରେ ଗାଁ ଗାଁରେ ଏବେ ରୋଗୀଙ୍କ ଚିକିତ୍ସାକୁ ନେଇ ଚିନ୍ତା ବଢୁଛି । ଗ୍ରାମାଞ୍ଚଳରେ କେତେକ ସ୍ଥାନରେ ବିନା ଆବଶ୍ୟକ ଅନୁମତିରେ କ୍ଲିନିକ୍ ଚାଲୁଥିବା ଏବଂ ରୋଗୀଙ୍କଠାରୁ ବିଭିନ୍ନ ଆଳରେ ଅଧିକ ଟଙ୍କା ଆଦାୟ କରାଯାଉଥିବା ନେଇ ଅଭିଯୋଗ ଉଠୁଛି । ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଗ୍ରାମାଞ୍ଚଳର ଅନେକ ଲୋକ ଦୂରଦୂରାନ୍ତକୁ ଯାଇ ଚିକିତ୍ସା କରାଇବା ପରିବର୍ତ୍ତେ ନିକଟସ୍ଥ କ୍ଲିନିକ୍ ଉପରେ ଭରସା କରୁଛନ୍ତି । ହେଲେ ଚିକିତ୍ସାର ନାମରେ ଯଦି ରୋଗୀଙ୍କୁ ଅନାବଶ୍ୟକ ପରୀକ୍ଷା, ଔଷଧ ଓ ଅତିରିକ୍ତ ଖର୍ଚ୍ଚର ସାମ୍ନା କରିବାକୁ ପଡୁଛି, ତେବେ ଗରିବ ଓ ଅସହାୟ ପରିବାର ପାଇଁ ଏହା ଚିନ୍ତାର ବିଷୟ । କେଉଁ କ୍ଲିନିକ୍‌ରେ କେଉଁ ଯୋଗ୍ୟତାସମ୍ପନ୍ନ ଡାକ୍ତର ଚିକିତ୍ସା କରୁଛନ୍ତି ? କ୍ଲିନିକ୍ ଗୁଡ଼ିକର ଆବଶ୍ୟକ ପଞ୍ଜୀକରଣ ଓ ଅନୁମତି ରହିଛି କି ? ରୋଗୀଙ୍କ ଠାରୁ ନିଆ ଯାଉଥିବା ଟଙ୍କାର ରସିଦ୍ ଦିଆ ଯାଉଛି କି ? ଏସବୁ ଦିଗରେ ଯାଞ୍ଚ ହେବା ଜରୁରୀ । ସ୍ୱାସ୍ଥ୍ୟସେବା ଲୋକଙ୍କ ମୌଳିକ ଆବଶ୍ୟକତା । ତେଣୁ ଏହାକୁ ବ୍ୟବସାୟର ଆଳରେ ରୋଗୀଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ଲଦିବା ଉଚିତ୍ ନୁହେଁ । ଏଭଳି ଅଭିଯୋଗ ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆ ଯିବାକୁ ସାଧାରଣରେ ଦାବି ହେଉଛି । ପ୍ରଶ୍ନ ଉଠୁଛି, ଗାଁ ଗାଁରେ ଚାଲିଥିବା ଏଭଳି କ୍ଲିନିକ୍? ଗୁଡ଼ିକର ଯାଞ୍ଚ କେବେ ହେବ ? ରୋଗୀଙ୍କୁ ଶୋଷଣରୁ ସୁରକ୍ଷା ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ କେବେ ଆଗକୁ ଆସିବ ? ତାହା ଦେଖିବାକୁ ରହିଲା ।

ଚଣ୍ଡିଖୋଲ ଆକସ୍ମିକ ଦୁର୍ଘଟଣା କେନ୍ଦ୍ର ଅଟକି ଗଲା ଫଳକରେ : ଦୁଇ ବିଧାୟକ ଦୁଇ ଥର ଉଦ୍‌ଘାଟନ ପରେ ବି ଭୂଇଁରୁ ଉଠିଲାନି ଗୋଟେ ଇଟା

ବଡ଼ଚଣା, (ମହାଭାରତ): ବଡ଼ଚଣା ର ବିକାଶ ପୁରୁଷ ବିକାଶ କରିଛନ୍ତି ବୋଲି ଉଭୟ ବିଧାୟକଙ୍କ ନାମ ଡିବି ଡିବି ହୋଇ ଚେଲାମାନେ ଫେସବୁକ ପ୍ରଚାର କରୁଛନ୍ତି କିନ୍ତୁ ପ୍ରକୃତ ତାହା ସତ୍ୟ ନୁହେଁ ।ଯାହାର ସଦ୍ୟ ଉଦାହରଣ ଉଦ୍ ?ଘାଟନ ହେଲା,ଫଳକ ଲାଗିଲା,ଫଟୋ ଉଠିଲା। କିନ୍ତୁ କାମ ଆରମ୍ଭ ହେଲାନି। ଚଣ୍ଡିଖୋଲ ଛକରେ ନିର୍ମାଣ ହେବାକୁ ଥିବା ଆକସ୍ମିକ ଦୁର୍ଘଟଣା କେନ୍ଦ୍ରର ଅବସ୍ଥା ଏବେ ଏମିତି ।ଜାତୀୟ ରାଜପଥ ୧୬ ଓ ୫୩ର ସଙ୍ଗମ ସ୍ଥଳ ଚଣ୍ଡିଖୋଲ ଛକ।ରାଜ୍ୟର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଦିନରାତି ହଜାର ହଜାର ସଂଖ୍ୟା ରେ ଗାଡ଼ି ଏହି ଛକ ଦେଇ ଯାତାୟାତ କରେ। ଗମନାଗମନର ସୁବିଧା ଥିବାରୁ ଏଠାରେ ବ୍ୟବସାୟ ମଧ୍ୟ ଭଲ ଚାଲେ ।କିନ୍ତୁ ଏହି ବ୍ୟସ୍ତ ବହୁଳ ରାଜପଥର ଅନ୍ୟ ଏକ ଚେହେରା ଅଛି ଦୁର୍ଘଟଣା ।ବାରମ୍ବାର ଦୁର୍ଘଟଣାରେ ଆହତ ହେଉଥିବା ଲୋକେ ଉଚିତ ସମୟ ମଧ୍ୟରେ ଚିକିତ୍ସା ପାଇ ପାରୁ ନାହାଁନ୍ତି। ପାରମ୍ଭିକ ଚିକିତ୍ସା ନ ମିଳିବାରୁ ଅନେକ ଜୀବନ ଅକାଳରେ ଚାଲି ଯାଇଥିବା ନଜିର ଅଛି ।ଏହି ସମସ୍ୟାକୁ ଦେଖି ଏ ଅଂଚଳ ର କିଛି ମୁରବୀ ଓ ଚଣ୍ଡିଖୋଲ ଘରୋଇ ବସ୍



ମାଲିକ ସଂଘ ପକ୍ଷରୁ ୮୦ ଦଶକର ସ୍ୱାସ୍ଥ୍ୟମନ୍ତ୍ରୀ ହବିବୁଲ୍ଲା ଖାଁଙ୍କ ଦ୍ୱାରା ଏକ ଆକସ୍ମିକ ଦୁର୍ଘଟଣା କେନ୍ଦ୍ର ଖୋଲାଯାଇଥିଲା । ମାତ୍ର ସଂଘ ନାଁରେ କୌଣସି କାଗଜପତ୍ର ନ ହୋଇ ପାରିବାରୁ ଏହାର ରକ୍ଷଣାବେକ୍ଷଣ ସଂଘ ଆଉ କରିଲା ନାହିଁ ।ଏହା ପରେ ସରକାର ଏହାକୁ ନିଜ ହାତକୁ ନେଲେ। ସେତେବେଳେର ବିଧାୟକ ଅମର ଶତପଥୀଙ୍କ ପ୍ରୋତ୍ସାହନରେ ଚଣ୍ଡିଖୋଲ ଛକରେ ଏକ କୋଟି ଆଠ ଲକ୍ଷ ଟଙ୍କା ବ୍ୟୟରେ ନୂତନ ନିଜସ୍ୱ ଗୃହ ନିର୍ମାଣ ପାଇଁ ଟେଣ୍ଡର ହେଲା। ଠିକାଦାର କାମ କରିବା ପାଇଁ ୧୪/୧୨/୨୦୨୧ରେ ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ ଙ୍କୁ ଡକାଇ ବଡ଼ ଧୁମଧାମରେ ଶୁଭ ଉଦ୍ ?ଘାଟନ କଲେ। କାମ ଆରମ୍ଭ ପୂର୍ବରୁ ସରକାର ବଦଳି ଗଲା ।ନୂତନ ବିଧାୟକ ଅମର କୁମାର ନାୟକ ଆସିଲେ। ସେ ପୁଣି ୪/୧୧/ ୨୦୨୪ ରେ ସେହି କାମକୁ ଦ୍ୱିତୀୟ ଥର ଉଦ୍‌ଘାଟନ କଲେ ।କିନ୍ତୁ ବିଡ଼ମ୍ବନା ଦେଖନ୍ତୁ,ଦୁଇ ବିଧାୟକଙ୍କ ଦୁଇ ଥର ଉଦ୍ ?ଘାଟନ ପରେ ବି ଆଜି ପର୍ଯ୍ୟନ୍ତ କାମ ଭୂଇଁରୁ ବାହାରି ପାରିଲାନାହିଁ। ଜାଗା ସେମିତି ପଡ଼ି ରହିଛି। ଦୁର୍ଘଟଣାରେ ଆହତ ଲୋକେ ଆଜି ବି ଚିକିତ୍ସା ପାଇଁ ଛଟପଟ ହେଉଛନ୍ତି ।ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।କେବଳ ଉଦ୍‌ଘାଟନ ଫଳକରେ କ'ଣ ଲୋକଙ୍କ ଜୀବନ ବଞ୍ଚିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି। ତୁରନ୍ତ କାମ ଆରମ୍ଭ କରି ଦୁର୍ଘଟଣା କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ସାଧାରଣ ରେ ଦାବି ହୋଇଅଛି।

ବଥର୍ଲା ଗାଁରେ ଫୁଟବଲ ଟୁର୍ଣ୍ଣାମେଣ୍ଟ, ମୁଖ୍ୟ ଅତିଥି ଭାବେ ଯୋଗଦେଲେ ଅଜିତ କୁମାର ପୁରୋହିତ

ପାଟଣାଗଡ (ମହାଭାରତ) ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବଥର୍ଲା ଗ୍ରାମରେ ମା' ବସ୍ତରେନ ଦେବୀ ଫୁଟବଲ କ୍ଲବ ପକ୍ଷରୁ ଆୟୋଜିତ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନିମନ୍ତ୍ରଣ ପାଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅଜିତ କୁମାର ପୁରୋହିତ। ତାଙ୍କ ସହିତ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରବୀଣ ପୁରୋହିତ ଏବଂ ଯୁବ କଂଗ୍ରେସ ସଭାପତି କେଶବ ଶିକା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଖେଳାଳି ଓ ଆୟୋଜକମାନଙ୍କ ଉତ୍ସାହ ବଢ଼ାଇଥିଲେ । ଫୁଟବଲ ହେଉଛି ଏକ ଲୋକପ୍ରିୟ ଖେଳ । ଏହା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଶୃଙ୍ଖଳା, ଏକତା, ଭାଇଚାରା, ଧୈର୍ଯ୍ୟ ଓ ଦଳଗତ ମନୋଭାବର ଶିକ୍ଷା ଦେଇଥାଏ । ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ଆୟୋଜନ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ସହ ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାରେ ଏକ ଉତ୍ତମ ମାଧ୍ୟମ ହୋଇଥାଏ । ଏଭଳି ଆୟୋଜନ ଗ୍ରାମାଞ୍ଚଳର ଯୁବକମାନଙ୍କୁ ନିଜର ଖେଳ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେବା ସହ ସମାଜରେ ଭାଇଚାରା ଓ ସାମାଜିକ ଏକତାକୁ ମଜବୁତ କରିଥାଏ । ତେଣୁ ଏଭଳି କ୍ରୀଡ଼ା ଆୟୋଜନକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବା ଆବଶ୍ୟକ । ଏହି ସୁନ୍ଦର କ୍ରୀଡ଼ା ଆୟୋଜନରେ ନିମନ୍ତ୍ରଣ କରି ସମ୍ମାନ ଓ ସ୍ନେହ ପ୍ରଦାନ କରିଥିବା ମା' ବସ୍ତରେନ ଦେବୀ ଫୁଟବଲ କ୍ଲବର ସମସ୍ତ ସଦସ୍ୟ, ଆୟୋଜକ କମିଟି ଏବଂ ବଥର୍ଲା ଗ୍ରାମର ସମସ୍ତ ବନ୍ଧୁ ଓ ଭାଇମାନଙ୍କୁ ଆମ ତରଫରୁ ହୃଦୟରୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି ବୋଲି କହି ଥିଲେ ଅଜିତ କୁମାର ପୁରୋହିତ । ଆପଣମାନଙ୍କର ଏହି ଭଲପାଇବା, ସ୍ନେହ ଓ ଆତିଥ୍ୟ ସବୁବେଳେ ମନେ ରହିବ। ଆଶା କରୁଛି, ଆଗାମୀ ଦିନରେ ମଧ୍ୟ ବଥର୍ଲା ଗ୍ରାମରେ ଏଭଳି କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆହୁରି ଧୁମଧାମରେ ଆୟୋଜିତ ହେଉ ଏବଂ ଅଞ୍ଚଳର ଯୁବପିଢ଼ି ଖେଳ ମାଧ୍ୟମରେ ନିଜ ଗାଁ ଓ ଅଞ୍ଚଳର ଗୌରବ ବଢ଼ାନ୍ତୁ । ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଆୟୋଜକ କମିଟିକୁ ଅନେକ ଅନେକ ଅଭିନନ୍ଦନ ବୋଲି କହି ଥିଲେ ପୁରୋହିତ।



ଦିଆଲ ପରବରେ ଝଲକିଲା ଧର୍ମୀୟ ସଦ୍‌ଭାବନାର ଅନନ୍ୟ ଚିତ୍ର

ଲକ୍ଷ୍ମୀପୁର, (ମହାଭାରତ): ପରମ୍ପରାର ପ୍ରତିଫଳନ, ସଂସ୍କୃତିର ମହକ ଓ ସାମାଜିକ ଏକତାର ଅନନ୍ୟ ଉଦାହରଣ ପାଲଟିଛି କେଲ୍ଲାର ଗ୍ରାମର ଦିଆଲ ପରବ। ନାଚ, ଗୀତ, ଢେମସା ଓ ଭୋଜିଭାତର ଆନନ୍ଦ ସହ ଧର୍ମୀୟ ସଦ୍‌ଭାବନା ଓ ଭାଇଚାରାର ମହାନ ବାର୍ତ୍ତା ଦେଇ ଚାରିଦିନିଆ ଉତ୍ସବକୁ ଧୁମଧାମରେ ସମାପନ କରିଛନ୍ତି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କେଲ୍ଲାର ଗ୍ରାମର ସ୍ମାର୍ଟ ସମାଜବାସୀ। ଏହି ପର୍ବ କେବଳ ପାରମ୍ପରିକ ଆନନ୍ଦ ଓ ଉତ୍ସବରେ ସୀମିତ ରହିନଥିଲା, ବରଂ ସମାଜରେ ସମସ୍ତ ଧର୍ମ ପ୍ରତି ସମ୍ମାନ, ମାନବିକତା ଓ ପରସ୍ପର ସହଯୋଗର ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଥିଲା ।ଡାଙ୍ଗଡ଼ା ମାଝୀ ରାମ ଡଙ୍ଗରି ଓ ବିଦ୍ୟୁତ ଖୋସ୍ଲାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନରେ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ଫୁଲ ଓ ଫଳ ପ୍ରଦାନ କରି ସମ୍ମାନ ଜଣାଯାଇଥିଲା। ପାରମ୍ପରିକ ଢେମସା ନୃତ୍ୟ ଓ ଗୀତର ତାଳେ ତାଳେ ଗ୍ରାମରେ ସୃଷ୍ଟି ହୋଇଥିଲା ଉତ୍ସବମୁଖର ପରିବେଶ। ପରମ୍ପରାକୁ ଅକ୍ଷୁଣ୍ଣ ରଖି ସମାଜର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପର୍ବର ଆନନ୍ଦକୁ ଉପଭୋଗ କରିଥିଲେ। ଦିଆଲ ପରବର ତୃତୀୟ ଦିନରେ ଭାଇଚାରା ଓ ସଦ୍‌ଭାବନାର ଏକ ବିଶେଷ ଦୃଶ୍ୟ ଦେଖିବାକୁ ମିଳିଥିଲା। ଧର୍ମୀୟ ସମନ୍ୱୟ ଓ ସାମାଜିକ ଏକତାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ସ୍ଥାନୀୟ ସରପଞ୍ଚ, ଗ୍ରାମରେ ଥିବା ତିନୋଟି ଚର୍ଚ୍ଚର ପାଳକ, ପ୍ରାଚୀନ ଏବଂ ପୂର୍ବତନ ବିଜେଡି ବ୍ଲକ ସଭାପତି ଦ୍ରୋଣ ଖୋସ୍ଲାଙ୍କୁ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣକୁ ସମ୍ମାନ ଜଣାଇ ପାଳକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସ୍ମାର୍ଟ ସମାଜ ପକ୍ଷରୁ ସରପଞ୍ଚ, ପାଳକ, ପ୍ରାଚୀନ ଓ ଦ୍ରୋଣ ଖୋସ୍ଲାଙ୍କୁ ଟାୱେଲ ପ୍ରଦାନ କରି ଆତ୍ମୀୟତାର ସହ ସମ୍ମାନିତ କରାଯାଇଥିଲା। ଏହା ସହିତ ସେମାନଙ୍କୁ ସମାଜ ଉଦ୍ଦେଶ୍ୟରେ ସଦ୍‌ଭାବନା, ଏକତା ଓ ଭାଇଚାରା ସମ୍ପର୍କିତ ମୂଲ୍ୟବାନ ବାର୍ତ୍ତା ରଖିବାର ସୁଯୋଗ ଦିଆଯାଇଥିଲା ।ବିଭିନ୍ନ ଧର୍ମର ପ୍ରତିନିଧିଙ୍କ ଏହି ମିଳନ ସମାଜରେ ଏକତାର ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ଧର୍ମ ଭିନ୍ନ ହୋଇପାରେ, କିନ୍ତୁ ମାନବିକତା ଓ ଭାଇଚାରା ସମସ୍ତଙ୍କୁ ଏକତ୍ରିତ କରେ,ଏହି ଭାବନାକୁ ଉତ୍ସବ ମାଧ୍ୟମରେ ପ୍ରତିଫଳିତ କରିଥିଲା କେଲ୍ଲାର ସ୍ମାର୍ଟ ସମାଜ ।ସମାଜର ଏଭଳି ସଦ୍ ?ଭାବନାମୂଳକ ପଦକ୍ଷେପକୁ ଉପସ୍ଥିତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଭୂୟସୀ ପ୍ରଶଂସା କରିଥିବା ବେଳେ ଗ୍ରାମବାସୀମାନେ ମଧ୍ୟ ଏହି ଏକତାର ପରମ୍ପରାକୁ ସ୍ୱାଗତ କରିଥିଲେ। ଶେଷରେ ପାରମ୍ପରିକ ନାଚଗୀତ, ଢେମସା, ଭୋଜିଭାତ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଚାରିଦିନିଆ ଦିଆଲ ପରବର ପରିସମାପ୍ତି ଘଟିଥିଲା। କେଲ୍ଲାର ଗ୍ରାମର ସ୍ମାର୍ଟ ସମାଜ ଏହି ଉତ୍ସବ ମାଧ୍ୟମରେ ପାରମ୍ପରିକ ସଂସ୍କୃତିର ସୁରକ୍ଷା ସହ ଧର୍ମୀୟ ସଦ୍‌ଭାବନା, ସାମାଜିକ ଏକତା ଓ ଭାଇଚାରାର ଏକ ଉଜ୍ଜ୍ୱଳ ନଜିର ସ୍ଥାପନ କରିଛି।

ଫାଁଶୀ ଲଗାଇ ନାବାଳକ ର ଆତ୍ମହତ୍ୟା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଭିମାପଡା ଗ୍ରାମ ର ମୃତକ ଜଣକ ସବ୍ୟସଚି ନାଏକ ବୋଲି ଜଣାପଡିଛି । ସୂଚନା ପ୍ରକାଶ ଅପରାହ୍ନ ୫ଟା ସମୟରେ ମାଆ ମଞ୍ଜୁଲତା ନାଏକ ବିଲ୍ ରୁ ଧାନ କାଟି ସାରି ଆସି ଘର ଖୋଲି ଦେଖନ୍ତି ତ ପୁଅ ଏକ ଧୂତି ରେ ଫାଁଶୀ ଲଗାଇ ଝୁଲି ରହି ଥିବା ଦେଖି ସ୍ଥାନୀୟ ଲୋକ ଙ୍କୁ ଡାକି ଏକ ଅଟୋ ସାହାଯ୍ୟ ରେ ଆଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସବ୍ୟସଚି କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ଶବ ଜବତ କରି ତଦନ୍ତ ଚଳାଇ ଥିବା ଜଣାପଡ଼ି ଛି ।

ଓଡ଼ଗାଁର ସବୁଠି ଗଦାଗଦା ମୋରମ : ଜମି ଓ ଗାଡ଼ି ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଓଡ଼ଗାଁ, (ମହାଭାରତ): କିଛିଦିନ ତଳେ ମାଙ୍କଡ଼ା ପଥର ଚୋରା ଚାଲାଣକୁ ନେଇ ଅଜିତ ନାୟକଙ୍କୁ ବୀଭତ୍ସ ଭାବେ ହତ୍ୟାକରିବା ଘଟଣା ମନରୁ ନଲିଭୁଣୁ ପୁଣି ଖଣିମାଫିଆ ମୁଣ୍ଡ ଟେକିଲେଣି ।ସବୁ ଖଣିକୁ ପ୍ରଶାସନ ବନ୍ଦ କରିଥିଲେ ମଧ୍ୟ ଓଡ଼ଗାଁକୁ ଏତେ ପରିମାଣର ମୋରମ କେଉଁଠୁ ଆସୁଛି ତାକୁନେଇ ସନ୍ଦେହ ସୃଷ୍ଟି ହୋଇଛି ।ଓଡ଼ଗାଁ ମହୋତ୍ସବ ପଡ଼ିଆରେ ପାହାଡ଼ ଭଳି ମୋରମ ଗଦା ହୋଇଥିବା ଦେଖିବାକୁ ମିଳିଛି। ବେଆଇନ ଭାବେ ମୋରମ ଚୋରା ଚାଲାଣ କରୁଥିବା ଜମି ଓ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବବୋଲି ଖଣି ଅଧିକାରୀ କହିଛନ୍ତି ସୂଚନା ଅନୁଯାୟୀ ଓଡ଼ଗାଁ ଥାନା କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ମାଳମାଳ ଖଣି ରହିଛି ।ଖଣିରୁ ମାଙ୍କଡ଼ାପଥର କାଟି ଚୋରା ଚାଲାଣ ହେଉଥିଲା ।ପ୍ରଶାସନ ପକ୍ଷରୁ ଏହା ଉପରେ କଟକଣା ଲାଗିବାରୁ ମୋରମ ଚାଲାଣ ଉପରେ ମାଫିଆ ଆଖି



ପକାଇଛନ୍ତି ।ରାତି ହେଲେ ବାହାରକୁ ମୋରମ ଚାଲାଣ କରାଯାଉଛି ।ନିୟମ ଅନୁଯାୟୀ ଖଣିଜ ସଂପଦ ବିକ୍ରି କରିବା ଜମି ଓ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଅନୁମତି ନେବାର ବ୍ୟବସ୍ଥା ରହିଛି ।ଖଣି ନିଲାମପରେ ମାଙ୍କଡ଼ା କିମ୍ବା ମୋରମ ବିକ୍ରି କରାଯାଇପାରିବା କିନ୍ତୁ ଏହିଜମି ସବୁ ବ୍ୟକ୍ତିଗତ ଜାଗାରେ ବାହାରିଥିଲେ ମଧ୍ୟ ଖଣିଜ ସଂପଦ ହୋଇଥିବାରୁ ତାହା ଖଣିବିଭାଗ ଅଧୀନରେ ରହିଛି ।ଏହାକୁ ଖଣି ମାଲିକମାନେ ଅସାଧୁ ଉପାୟରେ ବିକ୍ରିକରିବାକୁ ଯୋଜନା କରିଛନ୍ତି ।ବହୁବର୍ଷ ଧରି ଚାଲିଥିବା କୋମଣ୍ଡ, ରୋହିବାଙ୍କ ଖଣି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି ।ହେଲେ ଖଣି ମାଲିକମାନେ ବିଳମ୍ବିତ ରାତିରେ ଖଣିରୁ ମାଙ୍କଡ଼ାପଥର ଓ ମୋରମ ଚୋରା ଚାଲାଣ କରିବାକୁ ପଛାଉ ନାହାନ୍ତି ।ଏହାସହିତ ଘଷାଦେଇପୁରଠାରେ ଏକ ସ୍କୁଲ ନିର୍ମାଣ ଚାଲିଥିବାବେଳେ ସେଠାରେ ମଧ୍ୟ ଶହଶହ ଟ୍ରିପ ମୋରମ ପଡ଼ିଥିବା ଅଭିଯୋଗ ହୋଇଛି ।ଏତେ ପରିମାଣର ମୋରମ ଚାଲାଣ ପଛରେ କାହାରି ହାତରହିଛି ତାକୁନେଇ ପ୍ରଶ୍ନ ଉଠିଛି ।ଜିଲ୍ଲା ପ୍ରଶାସନର କଟକଣାକୁ ମାଫିଆମାନେ ଖାତିର ନକରି ମୋରମ ଚୋରାଚାଲାଣ କରିବା ଚ୍ୟାଲେଞ୍ଜ ସୃଷ୍ଟି କରିଛି ।ଯଦି ବେଆଇନ ଖଣି ଖନନ ଓ ଚୋରା ଚାଲାଣ ଉପରେ ରୋକ ନଲାଗେ ତେବେ ଆହୁରି ମୁଣ୍ଡ ଗଡ଼ିବା ଘଟଣାକୁ ଅସ୍ୱୀକାର କରିହେବ ନାହିଁ। ଏହି ଘଟଣାରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ କହିଛନ୍ତି, ଏହା ଖଣି ବିଭାଗ ଅଧୀନରେ ଥିବାରୁ ଆମେ ହସ୍ତକ୍ଷେପ କରୁନୁ ।ଖଣି ଅଧିକାରୀ ଶୁଭମ୍ ସ୍ୱାଇଁ କ ?ହିଛନ୍ତି, ଆମେ ଅଭିଯୋଗ ପାଇଛୁ ।ମୋରମ ଚାଲାଣ କରୁଥିବା ଜମିମାଲିକ ଓ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସେ କହିଛନ୍ତି ଓଡ଼ଗାଁ ଅଂଚଳର ଏକମାତ୍ର ବୁଢ଼ାବୁଢ଼ିଆଣୀ ଖଣିକୁ ଅନୁମତି ପ୍ରଦାନ କରାଯାଇଛି।

ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା

ଚମ୍ପାଝରର ପଞ୍ଚାୟତକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମ ପଞ୍ଚାୟତକୁ ୨୦୨୪ ବର୍ଷ ପାଇଁ ମର୍ଯ୍ୟାଦାଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଉନ୍ନତ ପ୍ରଦର୍ଶନ ପାଇଁ ପଞ୍ଚାୟତକୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।ଗୁରୁବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ଚମ୍ପାଝର ପଞ୍ଚାୟତର ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଚମ୍ପାଝର ଗ୍ରାମ ପଞ୍ଚାୟତର ସରପଞ୍ଚ ବିକ୍ରମ ପିଙ୍ଗୁଆ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁଭାଶିଷ ପାତ୍ର ଉପସ୍ଥିତ ରହି ପଞ୍ଚାୟତ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ଚମ୍ପାଝର ପଞ୍ଚାୟତ ପାଇଁ ଏକ ଗୌରବର ବିଷୟ ହୋଇଥିବା ବେଳେ ଏହା ଅଞ୍ଚଳର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣା ଯୋଗାଇଛି। ଏହି ସମ୍ମାନ ଆଗାମୀ ଦିନରେ ପଞ୍ଚାୟତ ଅଞ୍ଚଳରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ବିଦ୍ୟାଳୟର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବିକାଶ ଦିଗରେ ନୂତନ ଉତ୍ସାହ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

ଓଡ଼ଗାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଓଡ଼ଗାଁ,(ମହାଭାରତ):ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଓଡ଼ଗାଁ ମହୋତ୍ସବ ପଡିଆଠାରେ ଗୁରୁବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଓଡ଼ଗାଁ ବ୍ଲକଅଧକ୍ଷ ଲୋକନାଥ ସାହୁ,ଜିଲ୍ଲା ପରିଷଦ ସଭ୍ୟା ଝିଲି ପ୍ରଧାନ,ବିରଜାଲକ୍ଷ୍ମୀ ସାହୁ,ଆତ୍ମା ଅଧକ୍ଷ ଅଭିମନ୍ୟୁ ମାଝୀ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବିଧୃତ ଶେଖର ମିଶ୍ର,ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସିଏଚ୍ ପଲ୍ଲବୀ,ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଜେନା ଯୋଗଦେଇ ସମସ୍ତ ଷ୍ଟଲ୍ ପରିଦର୍ଶନ କରିଥିଲେ।ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡଃ ପ୍ରକାଶ କୁମାର ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏହି ଅବସରରେ ସଫଳ ଚାଷୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ନୂଆ ଉଦ୍ୟୋଗୀ ରାମେଶ୍ୱର ପଣ୍ଡାଙ୍କ ଠାରୁ ଆରମ୍ଭକରି ଅନେକଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।ଶରଣକୂଳ ପ୍ରାଣୀ ଚିକିତ୍ସାଧିକାରୀ ଡ.ଅଙ୍କିତା ଜାନୀ ଓ ଓଡ଼ଗାଁ ସହକାରୀ ମତ୍ସ୍ୟଅଧିକାରୀ ସୋନାଲୀ ସୁଚରିତା ସଂଯୋଜନା କରିଥିବାବେଳେ ଓଡ଼ଗାଁ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରିତେଶ ମହାପାତ୍ର,ଡ.ଅରୂପ ମହାନ୍ତି,ପ୍ରତୀକ ପରିଜା,ପ୍ରଭାତ କୁମାର ଇନ୍ଦ୍ରଜିତଙ୍କ ସହିତ ସମସ୍ତ ପ୍ରାଣୀମିତ୍ର ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କୃତ୍ କରାଯାଇଥିଲା।

ପିଏମ୍ ଶ୍ରୀ ଦଶପଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଦଶପଲ୍ଲା,(ମହାଭାରତ): ସ୍ଥାନୀୟ ପିଏମ୍ ଶ୍ରୀ ଦଶପଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ସୃଜନଶୀଳତା ଓ ଗବେଷଣାମୂଳକ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ, ମଧଖଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପରମାନନ୍ଦ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପିକା ପ୍ରଧାନ, ମନୋରମା ଗୌଡ଼ ଓ ସ୍ୱାଗତିକା ଭାରତୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ମେଳାରେ ସକ୍ରିୟ ଅଂଶଗ୍ରହଣ କରି ଏହାକୁ ସଫଳ କରିଥିଲେ।

ଶହେ ପ୍ରତିଶତ ଦିବ୍ୟାଙ୍ଗ, ତଥାପି ମିଳୁନି ବର୍ଦ୍ଧିତ ଭତ୍ତା

ଡିଜିଟାଲ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ କଳ୍ପନା



ବାଙ୍କୀ(ମହାଭାରତ): ଦିବ୍ୟାଙ୍ଗମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏପରିକି ଦିବ୍ୟାଙ୍ଗମାନଙ୍କ ଭତ୍ତା ରାଶି ମଧ୍ୟ ବୃଦ୍ଧି କରାଯାଇଛି। ହେଲେ ସରକାରୀ ନିୟମ ଓ କାଗଜପତ୍ରର ଜଟିଳତା ଯୋଗୁଁ ଜଣେ ଶତ ପ୍ରତିଶତ ଦିବ୍ୟାଙ୍ଗ ମହିଳା,ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । କଟକ ଜିଲ୍ଲା ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପଲ୍ଲୀ ଗ୍ରାମର ପ୍ରଭାକର ମହାପାତ୍ରଙ୍କ ୪୧ ବର୍ଷୀୟା ଝିଅ କଳ୍ପନା ମହାପାତ୍ର ଜନ୍ମରୁ ଦୃଷ୍ଟିହୀନ। ସେ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାବେଳେ ବର୍ତ୍ତମାନ ମାସିକ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ନୂତନ ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ମାସିକ ୩୫୦୦ ଟଙ୍କା ଭତ୍ତା ଘୋଷଣା କରାଯାଇଥିଲେ ମଧ୍ୟ କଳ୍ପନା ଏହି ସୁବିଧା ରୁ ବଞ୍ଚିତ ଅଛନ୍ତି । ଡିଜିଟାଲ ଦିବ୍ୟାଙ୍ଗ ପ୍ରମାଣପତ୍ର ନଥିବାରୁ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳିପାରୁ ନଥିବା ଜଣାପଡ଼ିଛି। ଏହି ପ୍ରମାଣପତ୍ର ପାଇବା ପାଇଁ ସେ ବାରମ୍ବାର କଟକସ୍ଥିତ ସିଡିଏମ୍‌ଓ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଅଟୋ ଭଡ଼ାରେ ଅର୍ଥ ଖର୍ଚ୍ଚ କରି ବାରମ୍ବାର କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କ ଜନଶୁଣାଣିରେ ମଧ୍ୟ ସେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ଏଯାଏଁ କୌଣସି ସୁଫଳ ମିଳିନାହିଁ। ମାସିକ ଅତିରିକ୍ତ ଆର୍ଥିକ ସହାୟତା ମିଳିଲେ ଜୀବନଧାରଣରେ କିଛିଟା ସହାୟତା ମିଳିପାରନ୍ତା ବୋଲି କଳ୍ପନାଙ୍କ ଆଶା। ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ମଧ୍ୟ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଡମପଡ଼ା ବିଡିଓ ଅଂଶୁମାନ ଦାଶ କହିଛନ୍ତି ଯେ, ବ୍ଲକର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ସିଡିଏମ୍‌ଓ କାର୍ଯ୍ୟାଳୟରେ ବାରମ୍ବାର ଅଧିକାରୀ ପରିବର୍ତ୍ତନ ହେଉଥିବାରୁ ଡିଜିଟାଲ ପ୍ରମାଣପତ୍ର ପ୍ରସ୍ତୁତିରେ ବିଳମ୍ବ ହେଉଛି। ତେବେ ବିଚାରାଧୀନ ଥିବା ଆବେଦନଗୁଡ଼ିକର ତୁରନ୍ତ ସମାଧାନ କରିଡିଜିଟାଲାଇଜେସନ୍ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ୍ ଭତ୍ତା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଯୁବଶକ୍ତିଙ୍କ ନେତୃତ୍ୱ ଓ ସୃଜନଶୀଳତା ହିଁ ବିକଶିତ ଭାରତର ମୂଳ ଆଧାର

ଭବାନୀପାଟଣା (ମହାଭାରତ): 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭' ଉପଲକ୍ଷେ ଜିଲ୍ଲାସ୍ତରୀୟ ଯୁବୋତ୍ସବ ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୁବପିଢ଼ିଙ୍କୁ ଦେଶ ଗଠନର ମୁଖ୍ୟ ବାହକ ଭାବେ ଅଭିହିତ କରିବା ସଙ୍ଗେ ସଙ୍ଗେ ଯୁବକଯୁବତୀମାନେ ନିଜର ପ୍ରତିଭା, ଦକ୍ଷତା, ନବସୃଜନ ଚିନ୍ତାଧାରା ଓ ନେତୃତ୍ୱ ଗୁଣର ବିକାଶ କରି ଏକ ବିକଶିତ ଭାରତ ଗଠନରେ ସକ୍ରିୟ ଭାଗୀଦାର ହେବାକୁ ସେ ଆହ୍ୱାନ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ତନ୍ମୟ କୁମାର ଦରୱାନ ଯୁବ ନେତୃତ୍ୱର ଗୁରୁତ୍ୱ, ଶିକ୍ଷା, ଦକ୍ଷତା ବିକାଶ ଓ ନବସୃଜନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ଼ ଗୁଣନିଧି ନାୟକ ନିଜ ବକ୍ତବ୍ୟରେ ଯୁବସମାଜ କେବଳ ଭବିଷ୍ୟତର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ବିକାଶ ଯାତ୍ରାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ମତବ୍ୟକ୍ତ କରିଥିଲେ।ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା, ସାମାଜିକ ଦାୟିତ୍ୱବୋଧ,ଦେଶ ପ୍ରେମ ଓ ସକାରାତ୍ମକ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

ଦ୍ୱିତୀୟ ଦିବସରେ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ସ୍ଥିତ ସରକାରୀ ଏସ୍.ଏସ୍.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲିବଲ୍ ପ୍ରତିଯୋଗିତା (୨୦୨୬-୨୭) ଦ୍ୱିତୀୟ ଦିବସରେ ଉତ୍ସାହ ସହ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର କ୍ରୀଡ଼ା ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ମୋଟ ୫ଟି ଖେଳ ପଡ଼ିଆ ବା କୋର୍ଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ କୋର୍ଟରେ ପ୍ରାୟ ୧୨ରୁ ୧୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଖେଳାଳି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ। ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ମାୟାଧର ସାହୁ ଯୋଗଦେଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଏସ୍. ଗିରିଧର, ମୋହନା ଓ ଆର. ଉଦୟଗିରି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବୀରେନ୍ଦ୍ର ମଣ୍ଡଳ, ରାୟଗଡ଼ ତହସିଲଦାର ଶ୍ରୀ ସୁକାନ୍ତ ପ୍ରଧାନ ଏବଂ କନ୍ଧମାଳ ଜିଲ୍ଲାର ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ସଞ୍ଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବୃହତ୍ କ୍ରୀଡ଼ା ଆୟୋଜନକୁ ସଫଳ ଓ ସୁସଂଗଠିତ କରିବାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗ ଓ ଉପସ୍ଥିତି ବେଶ୍ ପ୍ରଶଂସନୀୟ ହୋଇଥିଲା।କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ସରକାରୀ ଏସ୍.ଏସ୍.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାୟଗଡ଼ର କ୍ରୀଡ଼ା ଶିକ୍ଷକ ଶ୍ରୀ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ। ଶେଷରେ ଗଜପତି ଜିଲ୍ଲାର ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ଉପସ୍ଥିତ ସମସ୍ତ ଅତିଥି, ଆୟୋଜକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଧୁମ୍‌ଧାମରେ ଉଦ୍‌ଘାଟିତ ହେଲା ବୈରାଟପୁର ପ୍ରିମିୟର ଲିଗ୍ ସିଜନ୍-୨

ଉଦ୍‌ଘାଟନୀ ମ୍ୟାଚ୍‌ରେ ଏନଏସ ଫାଇଟର ବିଜୟ,



ଉଦଳ,(ମହାଭାରତ)- ଉଦଳା ବ୍ଲକ ଅନ୍ତର୍ଗତ ବୈରାଟପୁରଠାରେ ବୈରାଟପୁର ପ୍ରିମିୟର ଲିଗ୍ (ବିପିଏଲ)ର ଦ୍ୱିତୀୟ ସଂସ୍କରଣ ଆଜି ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍‌ଘାଟିତ ହୋଇଯାଇଛି। ୬ଟି ଫ୍ରାଞ୍ଚାଇଜକୁ ନେଇ ଆୟୋଜିତ ଏହି କ୍ରିକେଟ୍ ମହାସମର ଉଦ୍‌ଘାଟନୀ ଉତ୍ସବରେ ଉଦଳା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର ଏବଂ ଉଦଳା ଥାନା ଆଇଆଇସି ବନମାଳୀ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲିଗ୍‌ର ଶୁଭ ଉଦ୍‌ଘାଟନ କରିଥିଲେ।ଏହି ଅବସରରେ କୋଚିଲାଡିହା ପଞ୍ଚାୟତର ସରପଞ୍ଚ ସାରମଣୀ ହେମ୍ବ୍ରମ ଓ ସମିତି ସଭ୍ୟା ସୁକାନ୍ତି ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଉଦ୍‌ଘାଟନୀ ମ୍ୟାଚ୍‌ରେ ଏନ୍‌ଏସ୍ ଫାଇଟର ଓ ଜଗଦ୍ଧାତ୍ରୀ ୱାରିୟର୍ସ ମଧ୍ୟରେ ରୋମାଞ୍ଚକର ଲଢ଼େଇ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ୱାରିୟର୍ସ ୧୫୧ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଏନ୍‌ଏସ୍ ଫାଇଟର ୧୨ ଓଭର ୩ ଗୋଟି ବୋଲ ରେ ବିଜୟ ହାସଲ କରିଥିଲା । ଏନ୍‌ଏସ୍ ଫାଇଟର ପକ୍ଷରୁ ରାହୁଲ ନାୟକ ୧୦ ଟି ବଲ୍‌ରୁ ୨୪ ରନ୍ ସଂଗ୍ରହ କରିବା ସହ ୩ଓଭର ବୋଲିଂ କରି ୩ ଗୋଟି ଉଇକେଟ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସର୍ବାଧିକ ଛକା ମାରି ସଞ୍ଜୟ ପରିଚ୍ଛକ ଗୁରୁପ୍ରୀତ ମିଶ୍ର ସୁପର ସିକ୍ସ ପୁରସ୍କାର ହାସଲ କରିଥିଲେ।ମ୍ୟାଚ୍‌କୁ କମଳାକାନ୍ତ ମିଶ୍ର ଓ ହୃଦୟରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍‌ଲାଇନ୍ ସ୍କୋରର ଭାବେ ରବିନାରାୟଣ ମହାପାତ୍ର ଏବଂ ଅଫ୍‌ଲାଇନ୍ ସ୍କୋରର ଭାବେ ଶଶିକାନ୍ତ ମାଝୀ ଦାୟିତ୍ୱ ତୁଲାଇଥିଲେ।ଆସନ୍ତା ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଲିଗ୍ ଚଳିତ ମାସ ୨୨ ତାରିଖରେ ଉଦ୍‌ଯାପିତ ହେବ। ପ୍ରତିଦିନ ଖେଳାଳିମାନଙ୍କ ଉତ୍ସାହ ବୃଦ୍ଧି ପାଇଁ ବିଭିନ୍ନ ବର୍ଗରେ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ରହିଥିବା ଲିଗ୍‌ର ଉପଦେଷ୍ଟା ଦୀପକ ମିଶ୍ର ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଦଳା ହସ୍ପିଟାଲର ଆମ୍ବୁଲାନ୍ସ ଟିମ୍ ଓ ଉଦଳା ପୋଲିସ ଟିମ୍ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିସହ କମିଟିର ଉପଦେଷ୍ଟା ସ୍ୱରୂପ ମହାପାତ୍ର, ସଭାପତି ହେମନ୍ତ ବେହେରା, ସମ୍ପାଦକ ଦୀପକ ବେହେରା, ରୁଦ୍ରନାରାୟଣ ରଣା, ମୁନା ସିଂ, ଲାପୁନ ତ୍ରିପାଠୀ, ମନୋରଞ୍ଜନ ବାରିକ, ସାନୁ ମହାପାତ୍ର, ଗୋଲକ ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।ଗ୍ରାମାଞ୍ଚଳରେ କ୍ରିକେଟ୍ ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଓ ଭାଇଚାରା ବୃଦ୍ଧି କରିବାରେ ବୈରାଟପୁର ପ୍ରିମିୟର ଲିଗ୍‌ର ଏହି ଆୟୋଜନ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି।

କୃତ୍ରିମ ବୁଦ୍ଧିମତ୍ତା ଉପରେ ତାଲିମ ଶିବିର



ନୂଆପଡା(ମହାଭାରତ) : ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଓ ଗୁରୁତ୍ୱ ଦିନକୁ ଦିନ ବୃଦ୍ଧି ପାଉଛି। ଶିକ୍ଷା, ଗବେଷଣା, ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗିତାକୁ ଦୃଷ୍ଟିରେ ରଖି ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏକ ତାଲିମ ଓ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ପିଏମ୍-ଉଷା ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅଧ୍ୟାପକ ଡ. ଆର୍ତ୍ତତ୍ରାଣ ବିଶ୍ୱପ୍ରସନ୍ନ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ, ଆବଶ୍ୟକତା ଓ ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ସରଳ ଓ ଆକର୍ଷଣୀୟ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପରୀକ୍ଷା ନିୟନ୍ତ୍ରକ ଡ. ରଣବୀର ସିଂହ, ଆଇକ୍ୟୁଏସି ଅଧିକାରୀ କ୍ୟାପଟେନ୍ ଡ. ବିଷ୍ଣୁଦେବ ସିଂହ ମଲ୍ଲିକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ହିସାବ ନିରୀକ୍ଷିକା ରାଜଲକ୍ଷ୍ମୀ ରଥ, ପିଏମ୍-ଉଷା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ହରନମ ସିଂ, ଡ. ହରିହର ଭେସରା, ଡ. ସୁରେଶ ଚନ୍ଦ୍ର ବାଗ, ଦିବ୍ୟ ନାଗ ଓ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଏଆଇର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହ ଡ. ସରୋଜ ପଣ୍ଡା, ବିୟୁଟି ଅଗ୍ରୱାଲ, ରାଜେଶ୍ୱରୀ କରୁଆଁ, ସାଗରିକା ପଣ୍ଡା, ଡ. ରାଜକୁମାର ରତେ, ଜିତେନ୍ଦ୍ର କଳସାଇ, ଗୁଣବନ୍ତ ସାହୁ, ଅଜିତେଶ ପାଢ଼ୀ, ବିବେକ ସାହୁ, ଶୁଭେନ୍ଦୁ ନିଆଲ ଓ ଡ. ଶୁଭ୍ରାଂଶିସ ବାରିକଙ୍କ ସମେତ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଏଆଇ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ନୂତନ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା ସ୍ଥାନ ପାଇଥିବାରୁ ଏଭଳି ତାଲିମ ଶିବିର ସେମାନଙ୍କ ଜ୍ଞାନ, ଦକ୍ଷତା ଓ ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

ଶରଣକୁଳର ମା'ନାରାୟଣୀ ଡ୍ରାମାଟିକ୍ କ୍ଲବର ବାର୍ଷିକ ଉତ୍ସବ

ମନ ମୋହିଲା ସାମାଜିକ ନାଟକ 'ଭିଲେନ୍'



ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ ଶରଣକୁଳ ମାଳିସାହିସ୍ଥିତ ମା' ନାରାୟଣୀ ଡ୍ରାମାଟିକ୍ କ୍ଲବର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି।କ୍ଲବର ସଭାପତି ମିନାକ୍ଷୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ରାଜ୍ୟ ସରକାରଙ୍କ ଶିକ୍ଷାନୀତି, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସହିତ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ପ୍ରଚଳିତ ସୁଭଦ୍ରା ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜୀବନର ସାୟାହ୍ନରେ ପହଞ୍ଚିଥିବା ବାପା-ମା'ଙ୍କ ଯତ୍ନନେବା ପ୍ରତ୍ୟେକ ସନ୍ତାନଙ୍କ ପରମ କର୍ତ୍ତବ୍ୟବୋଲି ବକ୍ତବ୍ୟ ରଖିଥିଲେ। ମାଳିସାହିର ଭାଇଚାରା,ସାମାଜିକ ସଦ୍‌ଭାବ ଓ ଏକତାକୁ ପ୍ରଶଂସା କରିବାସହ ଏହା ଅନ୍ୟ ଅଞ୍ଚଳପାଇଁ ଏକ ଅନୁକରଣୀୟ ଉଦାହରଣ ବୋଲି କହିଥିଲେ।ଏହି ଅବସରରେ ମା'ନାରାୟଣୀ ମନ୍ଦିରର ପ୍ରବେଶ ଦ୍ୱାର ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ବିଧାୟକ ପାଣ୍ଠିରୁ ଅନୁଦାନ ଯୋଗାଇ ଦିଆଯିବବୋଲି ବାଚସ୍ପତି ଘୋଷଣା କରିଥିଲେ।ଏଥିପାଇଁ ଆନୁମାନିକ ବ୍ୟୟ ଅଟକଳ ପ୍ରସ୍ତୁତ ହେବାପରେ ଅନୁଦାନ ରାଶି ବ୍ଲକକୁ ପଠାଯିବ ବୋଲି ସେ କହିଥିଲେ।ଏଥିସହ ମାଳିସାହିର ଅନ୍ୟାନ୍ୟ ଆବଶ୍ୟକୀୟ ଉନ୍ନୟନମୂଳକ ପ୍ରକଳ୍ପର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ସେ ସ୍ଥାନୀୟ ଅଧିବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ।ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଗତ ଦୁଇବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ମାଳିସାହିରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ।ସମ୍ମାନିତ ଅତିଥି ଭାବେ କ୍ଲବର ମୁଖ୍ୟ ଉପଦେଷ୍ଟା ନିକୁଞ୍ଜ ବିହାରୀ ମିଶ୍ର,ସାମାଜିକ କର୍ମୀ ଗଗନ ବିହାରୀ ମିଶ୍ର ଏବଂ ସାହି ସଭାପତି ଅନନ୍ତ ପ୍ରସାଦ ମହାପାତ୍ର ମଞ୍ଚାସୀନ ଥିଲେ।ଉତ୍ସବରେ ସାମ୍ବାଦିକ ରାମକୃଷ୍ଣ ପରିଡ଼ା,ସୁନୀଲ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ମିଶ୍ର, ଗଣେଶ୍ୱର ସାହୁ, ଜୟକୃଷ୍ଣ ସାହୁ ଓ ଗଗନ ବିହାରୀ ମିଶ୍ରଙ୍କ ସମେତ ମୋଟ ୧୮ ଜଣ ବ୍ୟକ୍ତିତ୍ୱଙ୍କୁ କ୍ଲବପକ୍ଷରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସମ୍ପାଦକ ଜିତେନ୍ଦ୍ର କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶରଣକୁଳ ସେବା ସମବାୟ ସମିତିର ସଭାପତି ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ହରିଶ୍ଚନ୍ଦ୍ର ପାଇକରାୟଙ୍କ ନିର୍ଦ୍ଦେଶିତ କ୍ଲବର ୮୩ତମ ନାଟକ 'ଭିଲେନ୍' ମଞ୍ଚସ୍ଥ ହୋଇଥିଲା।ରାଉଳ, ସରୋଜ,ସୁବନ୍ତ,ସନ୍ତୋଷ, ଦୁଃଖିଶ୍ୟାମ,ସିଲୁ,ପପୁ,ବାବୁଲ, ଉମାପ୍ରସାଦ,କିଶୋର,ସୁଧାଂଶୁ, ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତଙ୍କ ଜୀବନ୍ତ ଅଭିନୟ ନାଟକକୁ ବେଶ୍ ଉପଭୋଗ୍ୟ କରିଥିଲା।ପୁଲିସ ଅଧିକାରୀ ଉପେନ୍ଦ୍ର କୁମାର ମହାପାତ୍ରଙ୍କ ସୁନ୍ଦର ଉପସ୍ଥାପନା ଓ ଆକର୍ଷଣୀୟ ଅଙ୍କରିଂ ଦର୍ଶକଙ୍କ ମନ ଜିଣିଥିଲା।ନାଟକଟିକୁ ଉପଭୋଗ କରିବା ପାଇଁ ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶ

ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ଲକ୍ଷ୍ୟରେ ସରକାର



ନୂଆଦିଲ୍ଲୀ, ୧୨।୧୧: ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶ ଡାକିବେ ସରକାର। ମହିଳା ସଂରକ୍ଷଣକୁ ଲାଗୁ କରିବା ପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ବିଲକୁ ପାରିତ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶ ଡାକିବାକୁ ଯୋଜନା କରିଛନ୍ତି। ଯେକୌଣସି ମୁହୂର୍ତ୍ତରେ ସରକାର ଅଧିବେଶନ ଆରମ୍ଭର ତାରିଖ ଘୋଷଣା କରିପାରନ୍ତି। ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ ପାରିତ କରିବାରେ ବିଫଳ ହୋଇଥିଲେ ସରକାର। ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର। ପୂର୍ବରୁ ଏହାକୁ ଯୋଗାଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏଥର ବିଲ୍ ସପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଅଧିକ ୧୫ରୁ ୧୮ଟି ଭୋଟ ପାଇବ ବୋଲି ସରକାରୀ ସୂତ୍ରରେ କୁହାଯାଇଛି। ତେବେ ସଂସଦର ସ୍ୱତନ୍ତ୍ର ଅଧିବେଶନର ତାରିଖ କିମ୍ବା ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଏ ସୂତ୍ରରେ କିଛି ବି କୁହାଯାଇ ନାହିଁ। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଧେୟକ ଓ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନର ଡାକିବା ମୁଡରେ ରହିଛନ୍ତି। ପୂର୍ବରୁ ଏହି ଦୁଇ ବିଲ୍ ପାରିତ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏବେ ଆବଶ୍ୟକ ସମର୍ଥନ ନିଜ ସପକ୍ଷରେ କରିଥିବା ଆଶା କରି ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଯାଉଛନ୍ତି। ଉଭୟ ଲୋକସଭା ଓ ରାଜ୍ୟସଭାରେ ସମ୍ବିଧାନ ସଂଶୋଧନ ବିଧେୟକ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନ ସରକାର ନିଜ ସପକ୍ଷରେ ଆଣିବାକୁ ବେଶ ଆଶାବାଦୀ ରହିଛନ୍ତି। ସମର୍ଥନ ହାସଲ କରିବା ଦିଗରେ ସରକାର ଗୋଟିଏ ଚାଳନା କରୁଥିବା ବେଳେ କିଛି ବିରୋଧୀ ଦଳଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରିଛନ୍ତି। କିଛି ରାଜନୀତିକ ଦଳ ନିଜର ଆଭିମୁଖ୍ୟ ବଦଳାଇବାର ସଙ୍କେତ ଦେଇଥିବାରୁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚାହୁଁଥିବା ଏହି ସୂତ୍ରରେ କୁହାଯାଇଛି। ସମାନ ପ୍ରସଙ୍ଗରେ ମୋଦି ସରକାରଙ୍କୁ ଏପ୍ରିଲ ୧୭ ବଜେଟ ଅଧିବେଶନରେ ଶକ୍ତ ଝଟକା ଲାଗିଥିଲା। ସୀମା ପୁନଃ ନିର୍ଦ୍ଧାରଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ ଓ ମହିଳା ସଂରକ୍ଷଣ ବିଲ୍ ଲୋକସଭାରେ ଆବଶ୍ୟକ ସମର୍ଥନ ହାସଲ କରିପାରି ନଥିଲା। ଏହାପରେ ସରକାର ମୌସୁମୀ ଅଧିବେଶନ ସମୟରେ ମଧ୍ୟ ବିଲ୍ ଆଣିବାକୁ ଚାହୁଁଥିଲେ। କିନ୍ତୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ସରକାର ନିଜ ଯୋଜନାରେ ସଫଳ ହୋଇ ନଥିଲେ।

ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

'୨୦୪୭ ସୁଦ୍ଧା ଦେଶ ବିକାଶର ଶୀର୍ଷ ଛୁଇଁବ'



ନୂଆଦିଲ୍ଲୀ, ୧୨।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିଲ୍ଲୀର ବିଜେପି ମୁଖ୍ୟାଳୟରେ ଦୀପାବଳି ମିଳନ ସମାରୋହରେ ସମ୍ବୋଧିତ କରିଛନ୍ତି। ଗଣମାଧ୍ୟମ କର୍ମଚାରୀଙ୍କୁ ଉଲ୍ଲେଖ କରି ସେ କହିଥିଲେ ଯେ ସେମାନଙ୍କ ଜୀବନ ସମୟସୀମା ଦ୍ୱାରା ପରିଚାଳିତ। ସେ ମନ୍ତବ୍ୟ ଦେଇଥିଲେ ଯେ ପୂର୍ବରୁ କୁହାଯାଉଥିଲା ଯେ ପ୍ରତ୍ୟେକ ଘରେ କ୍ରିକେଟ ବିଶେଷଜ୍ଞ ମିଳିଥାଏ। ଆଜି କୁହାଯାଏ ଯେ ପ୍ରତ୍ୟେକ ଖବରର ବିଶେଷଜ୍ଞ ପ୍ରତ୍ୟେକ ରାସ୍ତାରେ ମିଳିଥାଏ। ସେ ଦେଶବାସୀଙ୍କୁ ଦୀପାବଳି ଏବଂ ଛଟ୍ ରେ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଥିଲେ, "ଦୀପାବଳି ପର୍ବ ଏବେ ସରିଛି, ଏବଂ ଏବେ ଛଟ୍ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଁ ଆପଣମାନଙ୍କୁ ଏବଂ ଆପଣଙ୍କ ପରିବାରକୁ ଏହି ପର୍ବଗୁଡ଼ିକ ପାଇଁ ମୋର ଶୁଭକାମନା ଜଣାଉଛି।"


ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ, "ମୁଁ ମନେ ରଖିଛି ଯେ ୧୯୯୦ ଦଶକର ପ୍ରାରମ୍ଭରେ, ମୁଁ ଦେଶ ବ୍ୟାପୀ ଦୁଇଟି ପ୍ରମୁଖ ଯାତ୍ରାର ବ୍ୟବସ୍ଥା ପାଇଁ ଦାୟୀ ଥିଲି। ଏହା ଏପରି ଏକ ସମୟ ଥିଲା ଯେତେବେଳେ ଏକ ପ୍ରେସ୍ ରିଲିଜ୍ ପଠାଇବା ପାଇଁ ମଧ୍ୟ ଏକ ଫ୍ୟାକ୍ସ ମେସିନ୍ ଖୋଜିବା ଜରୁରୀ ଥିଲା। ଏଠାରେ ନୂତନ ପିଢ଼ିର ଅନେକ ସହକର୍ମୀ ଅଛନ୍ତି। କିନ୍ତୁ ଯେଉଁମାନେ ବୟସ୍କ ସେମାନେ ଜାଣନ୍ତି ଯେ ମୋର ଆପଣଙ୍କ ଦୁନିଆ ସହିତ ବହୁତ ଦିନ ଧରି ଘନିଷ୍ଠ ସମ୍ପର୍କ ରହିଛି।" ପ୍ରେସ୍ ରିଲିଜ୍ ଠାରୁ ଆରମ୍ଭ କରି ଇନଷ୍ଟା ରିଲ୍ ପର୍ଯ୍ୟନ୍ତ, ମୁଁ ଗଣମାଧ୍ୟମ ପାରସ୍ପରିକ କ୍ରିୟାର ଏକ ଯୁଗ ଦେଖିଛି।

ସମାରୋହରେ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଗତ ମାସରେ ସରକାର ମୁଖ୍ୟ ଭାବରେ ୨୫ ବର୍ଷ ପୂରଣ ହୋଇଛି। ଏଠାରେ ନୂତନ ପିଢ଼ିର ଅନେକ ସଦସ୍ୟ ଅଛନ୍ତି। କିନ୍ତୁ ଯେଉଁମାନେ ଦୀର୍ଘ ସମୟ ଧରି ଜଡିତ ଅଛନ୍ତି ସେମାନେ ଜାଣନ୍ତି ଯେ ମୋର ତୁମର ଦୁନିଆ ସହିତ ବହୁ ବର୍ଷ ଧରି ଏକ ସ୍ୱାଭାବିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ରହିଛି। ପ୍ରେସ୍ ରିଲିଜ୍ ଠାରୁ ଆରମ୍ଭ କରି ଇନଷ୍ଟାଗ୍ରାମ୍ ରିଲ୍ସ ପର୍ଯ୍ୟନ୍ତ, ମୁଁ ଗଣମାଧ୍ୟମ ଏବଂ ଗଣମାଧ୍ୟମ ସହ ଜଡିତତାର ଏକ ଲମ୍ବା ଯାତ୍ରା ଦେଖିଛି।'

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, 'ଆଜି ଆମ ଦେଶ ମଧ୍ୟ ଏକ ସମୟସୀମା ସହିତ କାମ କରୁଛି। ଏହି ସମୟସୀମା ହେଉଛି... ୨୦୪୭। ଦେଶକୁ ବିକାଶ କରିବାର ସ୍ୱପ୍ନ ସ୍ୱାଧୀନତା ପରଠାରୁ ଆମ ସହିତ ରହିଛି। କିନ୍ତୁ ବର୍ତ୍ତମାନ ଏହି ସ୍ୱପ୍ନର ଏକ ସ୍ଥିର ତାରିଖ ଅଛି: ୨୦୪୭। ଏହାର ଅର୍ଥ ହେଉଛି ଆମକୁ ସ୍ୱାଧୀନତାର ୧୦୦ତମ ବାର୍ଷିକୀ ପୂର୍ବରୁ ମିଳିତ ଭାବରେ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାକୁ ପଡ଼ିବ। ୨୦୪୭ ସମୟସୀମା ଅର୍ଥ ନୁହେଁ ଯେ ଆମକୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସ୍ୱାଧୀନତା ଆନ୍ଦୋଳନକୁ ମନେ ରଖନ୍ତୁ। ସମ୍ପୂର୍ଣ୍ଣ ସ୍ୱାଧୀନତାର ଲକ୍ଷ୍ୟ ଗୋଟିଏ କିମ୍ବା ଦୁଇ ଦିନରେ ହାସଲ ହେବାର ନଥିଲା। କିନ୍ତୁ ଧୀରେ ଧୀରେ, ଛୋଟ ଲକ୍ଷ୍ୟ ସ୍ଥିର କରାଯାଇଥିଲା, ହାସଲ କରାଯାଇଥିଲା ଏବଂ ତା'ପରେ ଲୋକମାନେ ଆତ୍ମବିଶ୍ୱାସୀ ହୋଇଗଲେ ଯେ ସେମାନେ ନିଶ୍ଚିତ ଭାବରେ ସ୍ୱାଧୀନତା ହାସଲ କରିବେ, ଏବଂ ସମଗ୍ର ଦେଶ ଏହି ସଂକଳ୍ପ ସହିତ ଏକାଠି ଠିଆ ହୋଇଥିଲା। ଏହି ସମାନ ବିଶ୍ୱାସ ଆମକୁ ଏକ ବିକଶିତ ଭାରତର ଲକ୍ଷ୍ୟକୁ ନେଇଯିବ। କେବଳ ଆଗକୁ ବଢ଼ି, ଛୋଟ ଏବଂ ବଡ଼ ଅନେକ ଲକ୍ଷ୍ୟ ହାସଲ କରି, ଆମେ ଏକ ବିକଶିତ ଭାରତର ଲକ୍ଷ୍ୟରେ ପହଞ୍ଚିପାରିବୁ।

ଅରୁଣାଚଳରେ ଭୟଙ୍କର ଅଗ୍ନିକାଣ୍ଡ

ଜୀବନ୍ତ ଜଳିଗଲେ ମା' ଓ ୩ ଶିଶୁ, ସ୍ୱାମୀ ନିଖୋଜ



ଇଟାନଗର, ୧୨।୧୧: ଅରୁଣାଚଳ ପ୍ରଦେଶର କୁରୁଙ୍ଗ କୁମେ ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଅଗ୍ନିକାଣ୍ଡରେ ଜଣେ ମହିଳା ଏବଂ ତାଙ୍କର ତିନିଜଣ ନାବାଳକ ଶିଶୁ ଜୀବନ୍ତ ଜଳିଯାଇଥିବା ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ଦୁଇଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେପଟେ ମହିଳାଙ୍କ ସ୍ୱାମୀ ଏବେ ବି ନିଖୋଜ ଅଛନ୍ତି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ପାଖାପାଖି ୨୪ଟି ଘର କ୍ଷତିଗ୍ରସ୍ତ ହୋଇଛି । ଜିଲ୍ଲାପାଳ ଚୀରୁଙ୍ଗ ଚୁଖୁଙ୍କ ସୂଚନା ମୁତାବକ, ଜିଲ୍ଲାର ପାର୍ସି-ପାର୍ଲୋ ସହରରେ ରାତି ପ୍ରାୟ ୨ଟା ୩୦ ସମୟରେ ନିଆଁ ଲାଗିଥିଲା । ଦେଖୁ ଦେଖୁ ନିଆଁ ବ୍ୟାପି ଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ କହିବା ଅନୁଯାୟୀ, ଅଗ୍ନିକାଣ୍ଡରେ ୧୯ଟି ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିବାବେଳେ ଅନ୍ୟ ୫ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ନିଆଁ ଲାଗିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ତେବେ ପ୍ରାଥମିକ ସୂଚନା ଅନୁଯାୟୀ, ଏକ ରୋଷେଇଘରୁ ନିଆଁ ବ୍ୟାପିଥିବା ଅନୁମାନ କରାଯାଉଛି । ଜିଲ୍ଲାପାଳ ଚୀରୁଙ୍ଗ ଚୁଖୁ କହିଛନ୍ତି ଯେ, ମୃତ୍ୟୁସଂଖ୍ୟା ବଢ଼ିପାରେ । ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ହିଁ କ୍ଷୟକ୍ଷତିର ପ୍ରକୃତ ଆକଳନ କରାଯିବ । ଘଟଣା ସମ୍ପର୍କରେ ଖବର ପାଇବା ପରେ ଜିଲ୍ଲା ମୁଖ୍ୟାଳୟ କୋଲୋରିଆଙ୍ଗରୁ ଏକ ଅଧିକାରୀ ଦଳ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି । ଏହି ଦୁର୍ଘଟଣା ଦୂରଦରାଜ ଅଞ୍ଚଳରେ ଅଗ୍ନିଶମ ବିଭାଗର ଅବହେଳାକୁ ପଦାରେ ପକାଇ ଦେଇଛି । ସୂତ୍ରରୁ ପ୍ରକାଶ ଯେ ପାର୍ସି-ପାର୍ଲୋରେ କୌଣସି ଦମକଳ କେନ୍ଦ୍ର ନାହିଁ । ସେପଟେ ପ୍ରାୟ ୩୮ କିଲୋମିଟର ଦୂରରେ ଥିବା କୋଲୋରିଆଙ୍ଗରୁ ଆସିଥିବା ଦମକଳ ଗାଡ଼ି ମଧ୍ୟ ସମୟରେ ଘଟଣାସ୍ଥଳରେ ପହଞ୍ଚି ପାରି ନଥିଲା ।

ଓୱୈସୀଙ୍କ ସହ ହାତ ମିଳାଇଲେ ଚନ୍ଦ୍ରଶେଖର

୨୦୨୭ରେ ବିଜେପିକୁ ଦେବେ ଟକ୍କର



ଉତ୍ତର ପ୍ରଦେଶ, ୧୨।୧୧: ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ରାଜନୈତିକ ମାହୋଲ ସରଗରମ ହୋଇଉଠିଛି । ଆଜାଦ ସମାଜ ପାର୍ଟି ଏବଂ ଅଲ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ ମୁସଲିମୀନ୍ ମଧ୍ୟରେ ଏକ ବଡ଼ ରାଜନୈତିକ ବୁଝାମଣା ହୋଇଛି । ଗୁରୁବାର ଆଜାଦ ସମାଜ ପାର୍ଟିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଏବଂ ଏଆଇଏମଆଇଏମ ପ୍ରମୁଖ ଅସୁଦ୍ଦିନ ଓୱେସୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏକାଠି ହୋଇ 'ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା' ଗଠନ କରିଥିବା ନେଇ ଔପଚାରିକ ଘୋଷଣା କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଉଭୟ ନେତା ରାଜ୍ୟର ବର୍ତ୍ତମାନର ସରକାର ଏବଂ ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିବା ସହ ଆଗାମୀ ନିର୍ବାଚନ ପାଇଁ ନିଜର ରଣନୀତି ସ୍ପଷ୍ଟ କରିଛନ୍ତି । ଘୋଷଣା ଅନୁଯାୟୀ, ଆଗାମୀ ୨୦୨୭ ବିଧାନସଭା ନିର୍ବାଚନରେ 'ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା' ଉତ୍ତର ପ୍ରଦେଶର ସମସ୍ତ ୪୦୩ଟି ଆସନରେ ନିଜର ପ୍ରାର୍ଥୀ ଦେବ । ଏହି ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଚନ୍ଦ୍ରଶେଖର ଆଜାଦଙ୍କ ନାମ ଘୋଷଣା କରାଯାଇଛି । ଓୱେସୀ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟରେ ବିଜେପିକୁ ତୃତୀୟ ଥର ପାଇଁ କ୍ଷମତାକୁ ଆସିବାରୁ ରୋକିବା ଏହି ମୋର୍ଚ୍ଚାର ମୁଖ୍ୟ ଉଦ୍ଦେଶ୍ୟ । ଚନ୍ଦ୍ରଶେଖର ଆଜାଦ କହିଛନ୍ତି ଯେ, ବିଜେପିକୁ ପରାସ୍ତ କରିବା ପାଇଁ ଏକ ବଡ଼ ଏବଂ ଶକ୍ତିଶାଳୀ ମେଣ୍ଟର ଆବଶ୍ୟକତା ରହିଛି । କିନ୍ତୁ କିଛି ଦଳର ନେତାଙ୍କ ଅହଂକାର ଯୋଗୁଁ ତାହା ସମ୍ଭବ ହୋଇପାରିଲା ନାହିଁ । ତଥାପି, ସେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସକୁ ମଧ୍ୟ ଏହି ମୋର୍ଚ୍ଚାରେ ସାମିଲ ହେବାକୁ ଆନ୍ତରିକ ଅନୁରୋଧ କରିଛନ୍ତି । ଚନ୍ଦ୍ରଶେଖର ଆଜାଦ କହିଛନ୍ତି ଯେ ଏହା କୌଣସି ପାରମ୍ପରିକ 'ତୃତୀୟ ମୋର୍ଚ୍ଚା' ନୁହେଁ, ବରଂ ସମାଜରୁ ଶୋଷଣ, ବେକାରୀ ଏବଂ ଅତ୍ୟାଚାରକୁ ମୂଳପୋଛ କରିବା ପାଇଁ ଏକ ସାମାଜିକ ପରିବର୍ତ୍ତନର ଅଭିଯାନ । ସ୍ୱାଧୀନତା ପରଠାରୁ ଦଳିତ, ପଛୁଆ ଏବଂ ସଂଖ୍ୟାଲଘୁ ବର୍ଗଙ୍କୁ କେବଳ ଭୋଟର ଭାବେ ବ୍ୟବହାର କରାଯାଇଛି, କିନ୍ତୁ ସେମାନଙ୍କ ଜୀବନଧାରାରେ କୌଣସି ପରିବର୍ତ୍ତନ ଆସିନାହିଁ ।

ଜମ୍ମୁ ଓ କାଶ୍ମୀରର କିସ୍ତୱାରରୁ ନିଖୋଜ ଏସପିଓଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର

ଶ୍ରୀନଗର, ୧୨।୧୧: ଜମ୍ମୁ ଓ କାଶ୍ମୀରର କିସ୍ତୱାର ଜିଲ୍ଲାରୁ ଦୁଇ ନିଖୋଜ ସ୍ୱତନ୍ତ୍ର ପୁଲିସ ଅଧିକାରୀ(ଏସପିଓ)ଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଛି। ସୈନିକଙ୍କ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଜମ୍ମୁ ଓ କାଶ୍ମୀରର କିସ୍ତୱାର ଜିଲ୍ଲାର ଦୂରବର୍ତ୍ତୀ ଦଛନ ଅଞ୍ଚଳରେ ବୁଧବାର ଦୁଇଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସପିଓ) ନିଖୋଜ ହୋଇଯାଇଥିଲେ। ସେମାନେ ଧାରନା-ମାରୱାରେ ସେନା ପୋଷ୍ଟ ପାଇଁ କିୟାର ଗାଁରେ ଥିବା ସେମାନଙ୍କ ଶିବିର ଛାଡିଥିଲେ କିନ୍ତୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରି ନଥିଲେ। ଫୋନ୍ ମଧ୍ୟ ବନ୍ଦ ଥିଲା। ସ୍ଥାନୀୟ ଲୋକମାନେ ଗୁଳି ଫୁଟିବାର ଶବ୍ଦ ଶୁଣିଥିବା ସୂଚନା ଦେଇଥିଲେ। ଏହା ପରେ, ପୁଲିସ ଏବଂ ସେନାର ରାଷ୍ଟ୍ରୀୟ ରାଇଫଲ୍ସ ଦ୍ୱାରା ମିଳିତ ଭାବରେ ଏକ ବିଶାଳ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ନିଖୋଜ ଏସ୍ପିଓଙ୍କୁ ବାବି ଚାନ୍ଦ ଏବଂ ରଣପାଲ କୁମାର ଭାବରେ ଚିହ୍ନଟ କରାଯାଇଛି। ଉଭୟଙ୍କୁ ସ୍ଥାନୀୟ ପୋଲିସର ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସଓଜି) ସହିତ ନିୟୋଜିତ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ସର୍ଚ୍ଚ ଅପରେସନ୍ ପାଇଁ ଆଖପାଖ ଅଞ୍ଚଳ ସହିତ ଦୁର୍ଗମ ପାହାଡ଼ ଏବଂ ଘନ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା।

ଆରବିଆଇ ସୀମା ରେଖା ଡେଇଁଲା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୨।୧୧: ଦେଶରେ ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର ଦର ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ ଆଉଟ ପାଉଟ ଲୋକ। ଲୋକଙ୍କ ମାସିକ ଗ୍ରୋସରୀ ବିଲ୍ ଆଗକୁ ଆହୁରି ବଢ଼ିବ। ସ୍ଥିତି ଏପରି ହୋଇଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସୁରକ୍ଷିତ ସୀମାକୁ ମଧ୍ୟ ଅତିକ୍ରମ କରାଯାଇଛି। ଅକ୍ଟୋବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ଛୁଇଁଛି। ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୫.୫୪% ରହିଥିଲା। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅକ୍ଟୋବରରେ ୬.୦୫% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଦ୍ରାସ୍ଫୀତି ଉପରେ ସବୁଠାରୁ ବଡ଼ ଚାପ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧିର ପଡ଼ିଛି। ଖାଦ୍ୟ ମୁଦ୍ରାସ୍ଫୀତି ସିଧା ୮.୯୪% ରହିଛି। ଖାଦ୍ୟ ସହ ପାନୀୟ ମୁଦ୍ରାସ୍ଫୀତିକୁ ଦେଖିଲେ ଏହା ସିଧା ୮.୫୧%ରେ ପହଞ୍ଚି ଯାଇଛି। ସେପ୍ଟେମ୍ବରରେ ଏହା ୭.୩୬% ରହିଥିଲା। ପିଆଜ, ରସୁଣ ଓ ଅଦା ଭଳି ସବୁ ଜିନିଷ ମହଙ୍ଗା ହୋଇଛି। ପରିବହନ ମୁଦ୍ରାସ୍ଫୀତି ଅକ୍ଟୋବରରେ ୫.୮୪% ରହିଥିବାରୁ ଲୋକଙ୍କ ଘର ଖର୍ଚ୍ଚକୁ ମଧ୍ୟ ଏହା ପ୍ରଭାବିତ କରିଛି। ସର୍ବାଧିକ ଦରବୃଦ୍ଧି ବ୍ୟକ୍ତିଗତ ଯତ୍ନ ସାମଗ୍ରୀ ଓ ରେଷ୍ଟୁରାଣ୍ଟ ସେବାରେ ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଯତ୍ନ ସାମଗ୍ରୀର ମୁଦ୍ରାସ୍ଫୀତି ୧୦.୧୪% ଓ ରେଷ୍ଟୁରାଣ୍ଟ ସେବାର ମୁଦ୍ରାସ୍ଫୀତି ୧୦.୦୬% ରହିଛି।


'ବିଦେଶୀ ଅଦାଲତଙ୍କ ଛାଡ଼ପତ୍ର ରାୟକୁ ଭାରତରେ ମିଳିବନି ମାନ୍ୟତା'



ନୂଆଦିଲ୍ଲୀ, ୧୨।୧୧: ଭାରତରେ ବିବାହ କରିବା ପରେ କୌଣସି ବ୍ୟକ୍ତି ବିଦେଶ ଚାଲିଯାଇ ସେଠାକାର ଅଦାଲତରୁ ଛାଡ଼ପତ୍ର ନେଲେ, ତାହା ଭାରତରେ ଆପେଆପେ ମାନ୍ୟତା ପାଇବ ନାହିଁ । ଭାରତୀୟ ଆଇନର ନିର୍ଦ୍ଧାରିତ ସର୍ତ୍ତ ପୂରଣ ହେଲେ ହିଁ ବିଦେଶୀ ଅଦାଲତଙ୍କ ଛାଡ଼ପତ୍ର ରାୟକୁ ଦେଶରେ ଆଇନଗତ ସ୍ୱୀକୃତି ମିଳିପାରିବ। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଏହା ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ୍ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଭାରତୀୟ ଆଇନ ଅନୁସାରେ ହୋଇଥିବା କୌଣସି ବିବାହକୁ ଯଦି ବିଦେଶର କୌଣସି ଅଦାଲତ ଛାଡପତ୍ର ବା ଭଙ୍ଗ କରିବା ପାଇଁ ରାୟ ଦିଅନ୍ତି, ତେବେ ସେହି ବିଦେଶୀ ରାୟ ଭାରତୀୟ ଆଇନର ନିୟମ ଓ ମାନଦଣ୍ଡ ଅନୁସାରେ ମଧ୍ୟ ଠିକ୍ ବା ଗ୍ରହଣୀୟ ହେବା ଆବଶ୍ୟକ। ଏଥିପାଇଁ ସିଭିଲ୍ ପ୍ରୋସିଜିଓର୍ କୋଡ୍ (CPC) ର ଧାରା ୧୩ରେ ଉଲ୍ଲେଖ ଥିବା ସର୍ତ୍ତ ପୂରଣ ହେବା ଜରୁରୀ। ସୁପ୍ରିମକୋର୍ଟ କହିଛନ୍ତି, ଯଦି କୌଣସି ବିବାହ ହିନ୍ଦୁ ବିବାହ ଆଇନ, ୧୯୫୫ ଅନୁସାରେ ହୋଇଥାଏ, ତେବେ ବିଦେଶୀ ଅଦାଲତ କେବଳ ବିବାହ ସମ୍ପର୍କ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଆଧାରରେ ଛାଡ଼ପତ୍ର ଦେଲେ ତାହା ଭାରତରେ ମାନ୍ୟ ହେବ ନାହିଁ। କାରଣ, ବିବାହ ସମ୍ପର୍କ ସମ୍ପୂର୍ଣ୍ଣ ଭାଙ୍ଗିଯିବା ବା 'ଇରିଟ୍ରିଭେବଲ୍ ବ୍ରେକଡାଉନ୍ ଅଫ୍ ମ୍ୟାରେଜ୍' ହିନ୍ଦୁ ବିବାହ ଆଇନରେ ସାଧାରଣ ଛାଡ଼ପତ୍ରର ଏକ ସ୍ୱତନ୍ତ୍ର ଆଧାର ନୁହେଁ। ଅର୍ଥାତ୍, ବିଦେଶରୁ ଛାଡ଼ପତ୍ର ମିଳିଗଲା ବୋଲି ଭାରତରେ ପ୍ରଥମ ବିବାହ ଶେଷ ହୋଇଗଲା ବୋଲି ଧରିନେବା ଠିକ୍ ନୁହେଁ। ଛାଡ଼ପତ୍ର ଯେଉଁ ଆଧାରରେ ମିଳିଛି, ତାହା ଭାରତୀୟ ଆଇନରେ ଗ୍ରହଣୀୟ କି ନୁହେଁ, ତାହା ଯାଞ୍ଚ କରିବାକୁ ପଡ଼ିବ। ବିଦେଶୀ ଛାଡ଼ପତ୍ର ଡିକ୍ରିକୁ ଦ୍ୱିବିବାହ ବା ବିଗାମି ମାମଲାରେ ଆଇନଗତ ରକ୍ଷାକବଚ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ମଧ୍ୟ କୋର୍ଟ ସ୍ପଷ୍ଟ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଭାରତୀୟ ଆଇନ ଅନୁସାରେ ପ୍ରଥମ ବିବାହକୁ ଶେଷ ନକରି କେବଳ ବିଦେଶୀ ଅଦାଲତଙ୍କ ଛାଡ଼ପତ୍ର ଆଧାରରେ ଦ୍ୱିତୀୟ ବିବାହ କରନ୍ତି, ତେବେ ତାଙ୍କ ବିରୋଧରେ ଅପରାଧିକ ମାମଲା ଚାଲିପାରେ।

କେଜ୍ରିୱାଲ ଓ ଝିଅ ହର୍ଷିତାଙ୍କୁ ହତ୍ୟା ଧମକ

ବିଷ୍ଣୋଇ ଗ୍ୟାଙ୍ଗ ମାଗିଲା ୭ କୋଟି !



ନୂଆଦିଲ୍ଲୀ, ୧୨।୧୧: ଆମ ଆଦମୀ ପାର୍ଟି ବା ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଓ ଝିଅ ହର୍ଷିତାଙ୍କୁ ମିଳିଛି ହତ୍ୟା ଧମକ। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ କେହି ଜଣେ ଫୋନ ଯୋଗେ ଏପରି ଧମକ ଦେଇଛି। ଯଦି କେଜ୍ରିୱାଲ ବିଷ୍ଣୋଇ ଗ୍ୟାଙ୍ଗକୁ ୭ କୋଟି ଟଙ୍କା ନ ଦେବେ, ତା'ହେଲେ ତାଙ୍କୁ ଓ ତାଙ୍କ ଝିଅଙ୍କୁ ହତ୍ୟା କରାଯିବ ବୋଲି ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଦିଆଯାଇଛି ଧମକ। ଏହି ଅଭିଯୋଗ ପରେ ପୁଲିସ୍ ପକ୍ଷରୁ ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ତିଳକ ନଗରରୁ ଆପ୍ ଟିକେଟରେ ବିଧାୟକ ହୋଇଥିବା ଜର୍ଣ୍ଣେଲ ସିଂହ ଏନେଇ ପୁଲିସ୍‌ରେ ଅଭିଯୋଗ କରିଛନ୍ତି। ବିଧାୟକ ସିଂହଙ୍କ କହିବା କଥା ଯେ ତାଙ୍କ ପାଖକୁ ବିଦେଶୀ ଲିଙ୍କ ଥିବା ଗୋଟିଏ ଗ୍ୟାଙ୍ଗ ପକ୍ଷରୁ ଜଣେ ହ୍ୱାଟସଆପ ମେସେଜ ଓ ମୋବାଇଲକୁ ଫୋନ କରିଥିଲା। ମେସେଜ ଓ କଲ ଜରିଆରେ ବ୍ୟକ୍ତି ଜଣକ କେଜ୍ରିୱାଲ ଓ ତାଙ୍କ ଝିଅ ହର୍ଷିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛି। କଲ କରିଥିବା ବ୍ୟକ୍ତି ୭ କୋଟି ଟଙ୍କା ମାଗିଛି। ଯଦି ୭ କୋଟି ଟଙ୍କା ନ ମିଳିବ, ତା'ହେଲେ ଗ୍ୟାଙ୍ଗ ପକ୍ଷରୁ କେଜ୍ରିୱାଲ ଓ ତାଙ୍କ ଝିଅ ହର୍ଷିତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। ଏହି ଅଭିଯୋଗ ପରେ ପଞ୍ଜାବର ମୋହାଲି ପୁଲିସ୍ ବିଏନଏସ୍ ଓ ଆଇଟି ଆକ୍ଟରେ ମାମଲା ରୁଜୁ କରିଛି। ଏଥିସହ ମାମଲାର ଯାଞ୍ଚ ପାଇଁ ଏହାକୁ ସାଇବର କ୍ରାଇମ ୟୁନିଟର ଅଧିକାରୀ ସୁନିଲ କୁମାରଙ୍କ ପାଖକୁ ପଠାଯାଇଛି। ଏବେ ତଦନ୍ତକାରୀ ଅଧିକାରୀମାନେ ଧମକ ମିଳିଥିବା ମୋବାଇଲ ନମ୍ବରର କଲ୍ ରେକର୍ଡସ, ଇଣ୍ଟରନେଟ ପ୍ରୋଟକଲ ଲଗ୍ସ ଓ ଲୋକେସନ ତଥ୍ୟକୁ ଯାଞ୍ଚ କରାଯାଉଛି।

ଅମିତାଭ ବଚ୍ଚନଙ୍କୁ ବୋମା ଧମକ

ନୂଆଦିଲ୍ଲୀ, ୧୨।୧୧: ବଲିଉଡର ବିଗ୍ ବିଙ୍କୁ ବୋମା ଧମକ । ମୁମ୍ବାଇର ମେୟରଙ୍କ କାର୍ଯ୍ୟାଳୟ, ଅଭିନେତା ଅମିତାଭ ବଚ୍ଚନଙ୍କ ବଙ୍ଗଳା ଜଲସା ଏବଂ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ସହରର ବିଭିନ୍ନ ସ୍ଥାନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇ ଏକ ନୂଆ ଇମେଲ୍ ଆସିବା ପରେ ମୁମ୍ବାଇର ସୁରକ୍ଷା ଏଜେନ୍ସିଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି । ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସୁରକ୍ଷା ଟିମ୍ ଇ-ମେଲରେ ଉଲ୍ଲେଖ ଥିବା ସ୍ଥାନଗୁଡ଼ିକର ଯାଞ୍ଚ କରିଥିଲେ। କିନ୍ତୁ ଯାଞ୍ଚ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ । ୨ ସପ୍ତାହ ମଧ୍ୟରେ ମୁମ୍ବାଇ ସ୍ଥିତ ଅମିତାଭ ବଚ୍ଚନଙ୍କ ଜଲସା ବାସଭବନକୁ ଦ୍ୱିତୀୟ ଥର ପାଇଁ ବୋମା ଧମକ ହୋଇଛି । ନଭେମ୍ବର ୬ ତାରିଖରେ ବଚ୍ଚନଙ୍କ ମୁମ୍ବାଇ ସ୍ଥିତ ବାସଭବନରେ ବୋମା ବିସ୍ଫୋରଣ କରିବାକୁ ଧମକ ଦେଇ ଏକ ଇମେଲ୍ ଆସିଥିଲା । ପଞ୍ଜାବୀ ସିଙ୍ଗର ଦିଲଜିତ ଦୋସାଞ୍ଜଙ୍କ ମୁମ୍ବାଇରେ ହେବାକୁ ଥିବା କନସର୍ଟକୁ ବୋମା ଧମକ ମିଳିଥିଲା । ଧମକପୂର୍ଣ୍ଣ ଇମେଲ ମିଳିବା ପରେ ଯାଞ୍ଚ କରାଯାଉଛି । ପୋଲିସ କହିଛି ଯେ, ତାଙ୍କ ବଙ୍ଗଳା ଜଲସାରେ ତଲାସୀ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା। ସୂଚନାଯୋଗ୍ୟ, ନିକଟରେ ଟାଇଗର ଶ୍ରଫଙ୍କ ଉପରେ ଗୁଳିମାଡ଼ ହୋଇଥିଲା । ବିଷ୍ଣୋଇ ଗ୍ୟାଙ୍ଗ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା ।

ଘରଭଡ଼ା ବୃଦ୍ଧିରେ ତାତିଲା ସ୍ପେନ

ରାସ୍ତାକୁ ଓହ୍ଲାଇଲେ ଲକ୍ଷ ଲକ୍ଷ ଲୋକ, ଦେଶବ୍ୟାପୀ ବିକ୍ଷୋଭ



ନୂଆଦିଲ୍ଲୀ, ୧୨।୧୧ : ସ୍ପେନରେ ଆବାସ ସଙ୍କଟକୁ ନେଇ ଲକ୍ଷ ଲକ୍ଷ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରିଛନ୍ତି। ଦେଶରେ ଗତ ୧୪ ବର୍ଷ ମଧ୍ୟରେ ଏହା ପ୍ରଥମ ଗଣଆନ୍ଦୋଳନ। କ୍ରମବର୍ଦ୍ଧିଷ୍ଣୁ ଗୃହ ସଙ୍କଟର ପ୍ରତିକାର ଲାଗି ଲୋକମାନେ ଦାବି କରିଛନ୍ତି। ଘରଭଡ଼ା ଉପରେ ଲଗାମ କଷିବାକୁ ଠୋସ ପଦକ୍ଷେପ ନେବା ଲାଗି କହିଛନ୍ତି। ଏଭଳି ଐତିହାସିକ ଗଣ ଆନ୍ଦୋଳନ ଯୋଗୁ ଦେଶବ୍ୟାପୀ ସାଧାରଣ ପରିବହନ, କଳ କାରଖାନା, ଦୋକାନ ଏବଂ ବ୍ୟବସାୟ ପ୍ରଭାବିତ ହୋଇଛି। ଆନ୍ଦୋଳନକାରୀ ବାର୍ସିଲୋନାରେ ରାସ୍ତା ଜାମ୍ କରିବା ସହ କିଛି ସ୍ଥାନରେ ଟାୟାର ଜାଳି ରାସ୍ତା ରୋକ କରିଛନ୍ତି। ରାଜଧାନୀ ମାଦ୍ରିଦ ନିକଟରେ ଦେଶର ପ୍ରମୁଖ ପାଇକାରୀ ବଜାର ବାହାରେ ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ସାଙ୍ଘାତିକ ମୁହାଁମୁହିଁ ହୋଇଛି। ବାର୍ସିଲୋନାରେ ରାତି ଅଧରେ କର୍ମଚାରୀମାନେ ଛକ ସ୍ଥାନରେ ଜମା ହୋଇ ଆତସବାଜି କରିଥିବା ଦେଖିବାକୁ ମିଳିଛି। ସ୍ପେନରେ ଗତ ୧୦ ବର୍ଷ ମଧ୍ୟରେ ହାରାହାରି ଘରଭଡ଼ା ପ୍ରାୟ ଦୁଇଗୁଣା ହୋଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଘରୋଇ ବଜେଟ ଉପରେ ଚାପ ବଢ଼ିବାରେ ଲାଗିଛି। ଗତ ମାସରେ ମାଦ୍ରିଦରେ ଜଣେ ୮୭ ବର୍ଷୀୟା ମହିଳାଙ୍କୁ ଘର ଲୋକ ତଡ଼ିଦେବା ଘଟଣା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଗୃହ ସଙ୍କଟ ହିଁ ଏହାର ମୁଖ୍ୟ କାରଣ ସାଜିଥିଲା। ପରେ ବୃଦ୍ଧା ଜଣକ ପ୍ରାଣ ହରାଇଥିଲେ। ଏହାପରେ ସେ ଆନ୍ଦୋଳନର ପ୍ରତୀକ ସାଜିଥିଲେ । ମହଙ୍ଗା ଘରଭଡ଼ା ଯୋଗୁ ଚିନ୍ତାରେ ଥିବା ଲୋକ ଏବଂ ନିଜ ଘର ଖଣ୍ଡେ କିଣିବାକୁ ସ୍ୱପ୍ନ ଦେଖୁଥିବା ଲୋକଙ୍କ ପାଇଁ ବୃଦ୍ଧା ଜଣକ ପ୍ରେରଣା ସାଜିଥିଲେ।

ଆଜି ଚତୁର୍ଥ ଦିନିକିଆ: ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଭାରତ

ମାଉଣ୍ଟ ମୌଙ୍ଗନୁଇ,୧୨।୧୧: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଶୁକ୍ରବାର ସ୍ଥାନୀୟ ବେ ଓଭାଲ୍‌ରେ ଖେଳାଯିବାକୁ ଥିବା ଚତୁର୍ଥ ଦିନିକିଆ ଜିତି ଶୃଙ୍ଖଳା କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଦୁଇ ମ୍ୟାଚ୍ ଜିତିବା ପରେ ତୃତୀୟ ମ୍ୟାଚ୍‌କୁ ବର୍ଷା ଧୋଇ ନେବାରୁ ଭ୍ରମଣକାରୀ ଦଳ ଏହି ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଆଗୁଆ ରହିଛି। ଅନ୍ୟପକ୍ଷରେ ୭ ବର୍ଷ ତଳେ ଭାରତଠାରୁ ଶୃଙ୍ଖଳା ହାରିବା ପରଠୁ ନ୍ୟୁଜିଲାଣ୍ଡ ତା' ଘରୋଇ ମାଟିରେ ଲଗାତାର ୧୧ ଶୃଙ୍ଖଳାରେ ଅପରାଜେୟ ରହିଛି। ହେଲେ ଘରୋଇ ମାଟିରେ ପ୍ରଥମ ଦୁଇ ମ୍ୟାଚ୍ ହାରିବା ଏବଂ ତୃତୀୟ ମ୍ୟାଚ୍ ଫଳଶୂନ୍ୟରେ ଶେଷ ହେବାରୁ ନ୍ୟୁଜିଲାଣ୍ଡର ଏହି ଅପରାଜେୟ ଧାରା ଭାଙ୍ଗିଯାଇଛି। କେବଳ ଶୃଙ୍ଖଳା ପରାଜୟ ଟାଳିବା ଆଶା ଥିବାରୁ ଘରୋଇ ଦଳ ଏହି ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ।

ଏହି ଦିନିକିଆ ଶୃଙ୍ଖଳାର ପ୍ରଥମ ୩ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଥିଲା। ପ୍ରଥମ ଦୁଇ ମ୍ୟାଚ୍‌ରେ ଫଳାଫଳ ଡିଏଲ୍‌ଏସ୍‌ରେ ଆସିଥିଲା ବେଳେ ତୃତୀୟ ମ୍ୟାଚ୍‌ରେ ବଲ୍ ପଡ଼ିବା ସମ୍ଭବ ନ ହୋଇ ବାତିଲ ହୋଇଥିଲା। ହେଲେ ମାଉଣ୍ଟ ମୌଙ୍ଗନୁଇରେ ଶୁକ୍ରବାର ଓ ରବିବାର ଖେଳାଯିବାକୁ ଥିବା ଶେଷ ଦିନିକିଆରେ ପାଗ ଅନୁକୂଳ ରହିବାର ସମ୍ଭାବନା ଅଛି। ଅକ୍‌ଲାଣ୍ଡ ଓ ହାମିଲଟନ୍ ପିଚ୍ ଦ୍ରୁତ ବୋଲରଙ୍କୁ ସହାୟତା କରିଥିଲା। କିନ୍ତୁ ବେ ଓଭାଲ ପିଚ୍ ବ୍ୟାଟିଂ ସହଯୋଗୀ ଥିବାରୁ ବଡ଼ ସ୍କୋର୍ ହେବାର ସମ୍ଭାବନା ରହିଛି। ଦିନିକିଆ ଶୃଙ୍ଖଳା ଶେଷ ହେବାର ତିନି ଦିନ ପରେ ଟେଷ୍ଟ ଶୃଙ୍ଖଳା ଖେଳାଯିବ।

ତେଣୁ ଉଭୟ ଦଳର ଏକାଧିକ ଖେଳାଳି ଏହି ୨ ଦିନିକିଆରେ ଦେଖିବାକୁ ମିଳିବେନି। ଭାରତର ନିୟମିତ ଅଧିନାୟକ ଶୁବମନ ଗିଲଙ୍କ ସହ ଦ୍ରୁତ ବୋଲର ଅଂଶୁଲ କମ୍ବୋଜ ଓ କେଏଲ୍ ରାହୁଲ ଏବଂ କିଛି ସପୋର୍ଟ ଷ୍ଟାଫ୍ ଦଳ ଛାଡ଼ି ଟେଷ୍ଟ ପ୍ରସ୍ତୁତ ଲାଗି ୱେଲିଂଟନ୍ ଗସ୍ତ କରିଛନ୍ତି। ଟ୍ୱେଣ୍ଟି-୨୦ ଅଧିନାୟକ ଶ୍ରେୟସ ଆୟର ପ୍ରଥମ ଥର ଲାଗି ଦିନିକିଆ ଦଳର ନେତୃତ୍ୱ ଭାର ନେବେ ଏବଂ ତାଙ୍କ ସହଯୋଗ କରିବେ ଈଶାନ କିଶନ। ଶେଷ ଦୁଇ ଦିନିକିଆରେ ଚୂଡ଼ାନ୍ତ ଏକାଦଶ ସହ ବ୍ୟାଟିଂ ଅର୍ଡରରେ ଉଭୟ ଦଳର ବହୁ ପରିବର୍ତ୍ତନ ଦେଖିବାକୁ ମିଳିବ। ଗିଲ୍ ନ ଥିବାରୁ ରୋହିତ ଶର୍ମାଙ୍କ ସହ ଈଶାନ ଓପନିଂ କରିବେ। କମ୍ବୋଜଙ୍କ ସ୍ଥାନରେ ମହମ୍ମଦ ସିରାଜ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ଯଦି ସିରାଜ ଖେଳନ୍ତି ତେବେ ଅଗଷ୍ଟ ମାସରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ପରେ ଏହା ତାଙ୍କର ପ୍ରଥମ ଦିନିକିଆ ହେବ। କୁଳଦୀପ ଯାଦବଙ୍କ ଖେଳିବା ସମ୍ଭାବନା କମ୍ ରହିଛି। ଯଦି ସ୍ପିନ୍‌କୁ ସହାୟତା ମିଳେ ତେବେ ସେ ଖେଳିପାରନ୍ତି।

ସେହିପରି ଟେଷ୍ଟ ପ୍ରସ୍ତୁତି ପାଇଁ ଟମ୍ ଲାଥମ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ନାଥନ ସ୍ମିଥ୍ ଓ ହେନରି ନିକୋଲ୍ସ ଦଳ ଛାଡ଼ିଛନ୍ତି। ଏମାନଙ୍କ ସ୍ଥାନ ନ୍ୟୁଜିଲାଣ୍ଡ ଦିନିକିଆ ଦଳରେ ଫିନ୍ ଆଲେନ, ମିଚ୍ ହେ, ଡିଅନ୍ ଫକ୍ସକ୍ରଫ୍ଟ, ନିକ୍ କେଲି ଓ ବ୍ରେଟ୍ ରାନ୍ଦେଲ ଯୋଗ ଦେଇଛନ୍ତି। ତେଣୁ ଏକାଧିକ ଅଦଳ ବଦଳ ସହ ମିଚେଲ ସାଣ୍ଟନର ପଡ଼ିଆକୁ ଓହ୍ଲାଇବେ। ବେ ଓଭାଲରେ ଭାରତ ୩ ଦିନିକିଆ ଖେଳିଥିଲା ବେଳେ ୨ଟିରେ ଜିତିଛି ଓ ଗୋଟିଏ ହାରିଛି। ଏଠାରେ ଗତ ୪ ଦିବାରାତ୍ର ମ୍ୟାଚ୍‌ରେ ପଶ୍ଚାତ୍‌ଧାବନ କରୁଥିବା ଦଳ ଜିତିଛି। ତେଣୁ ଟସ୍ ଜିତିବା ଦଳ କ୍ଷେତ୍ରରକ୍ଷଣ କରିବାର ସମ୍ଭାବନା ରହିଛି।

ପ୍ରସାରଣ: ସୋନି ସ୍ପୋର୍ଟ୍ସ
ସମୟ: ସକାଳ ୭.୩୦

ଭାରତ (ସମ୍ଭାବ୍ୟ ଏକାଦଶ): ରୋହିତ ଶର୍ମା, ଈଶାନ କିଶନ (ୱିକେଟ୍‌ରକ୍ଷକ), ବିରାଟ କୋହଲି, ଶ୍ରେୟସ ଆୟର (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅକ୍ଷର ପଟେଲ, ନମନ ଧୀର, ମହମ୍ମଦ ସିରାଜ/କୁଲଦୀପ ଯାଦବ, ଗୁରନୂର ବ୍ରାର, ଆକ୍ୱିବ ନବି, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ, ୱିଲ ୟଙ୍ଗ, ନିକ୍ କେଲି, ମିଚ୍ ହେ, ମିଚେଲ ବ୍ରେସୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ଡିଅନ୍ ଫକ୍ସକ୍ରଫ୍ଟ, କାଇଲ ଜାମିସନ, ମ୍ୟାଟ୍ ଫିସର, ଜାକବ ଡଫି।





ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରୁ ଓହରିଲା ଆମେରିକା

ଲସ୍‌ଏଞ୍ଜେଲ୍ସ,୧୨।୧୧: କତରରେ ହେବାକୁ ଥିବା ଆଗାମୀ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରୁ ଆମେରିକା ଓହରିଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଓ ସୁରକ୍ଷା ଦୃଷ୍ଟିରୁ ଆମେରିକା ଏହି ନିଷ୍ପତ୍ତି ନେଇଛି।



ନଭେମ୍ବର ୧୯ରୁ ଏହି ପ୍ରତିଯୋଗିତା ଆରମ୍ଭ ହେବାକୁ ଥିଲା ବେଳେ ଏହାର ଗୋଟିଏ ସପ୍ତାହ ପୂର୍ବରୁ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଆମେରିକା ଫୁଟ୍‌ବଲ୍ ସଂଘ ଚିଠି ଲେଖି ଏହି ନିଷ୍ପତ୍ତି ବିଷୟରେ ଅବଗତ କରିଛି। ''ବିଶ୍ୱକପ୍ ଲାଗି ତାଲିମ ଶିବିର ଏବଂ ଅଂଶଗ୍ରହଣ ବାତିଲ କରୁଛୁ। ବିଶ୍ୱକପ୍ ପାଇଁ ଖେଳାଳି ଓ ପ୍ରଶିକ୍ଷକମାନଙ୍କ ପ୍ରସ୍ତୁତିରେ ଆମେ ଗର୍ବିତ।

ଦୁର୍ଭାଗ୍ୟବଶତଃ, ଆମେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରିବା ନାହିଁ। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। କତର ପାଇଁ ଆମେରିକାର ବୈଦେଶିକ ବିଭାଗ ପକ୍ଷରୁ ତୃତୀୟ ସ୍ତରର ଯାତ୍ରା ସତର୍କତା ଏବଂ ଦୂତାବାସ କର୍ମଚାରୀଙ୍କ ପାଇଁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ସେଠାକୁ ଯାଇ ପାରିବା ନାହିଁ। ତେଣୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ଆମ ପାଇଁ ସମ୍ଭବ ନୁହେଁ'' ବୋଲି ସଂଘ ପକ୍ଷରୁ କୁହାଯାଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ୪୮ ଦଳ ଅଂଶଗ୍ରହଣ କରୁଛନ୍ତି। ଆମେରିକା ଓହରିବା ପରେ ଏହି ସଂଖ୍ୟା ୪୭କୁ ଖସିଛି।

୧୯ ବର୍ଷରୁ କମ୍ ଏସିଆ କପ୍

ସେମିରେ ଚମକିଲେ କ୍ୟାପ୍‌ଟେନ, ଭାରତ-ପାକିସ୍ତାନ ଫାଇନାଲ୍

ନୂଆଦିଲ୍ଲୀ,୧୨।୧୧: ଅଣ୍ଡର ୧୯ ଏସିଆ କପ ଫାଇନାଲରେ ପୁଣି ମୁହାଁ ମୁହିଁ ହେବାକୁ ଯାଉଛନ୍ତି ଭାରତ ଓ ପାକିସ୍ତାନ। ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ଠାରୁ ହାରିଥିବା ଭାରତ ଆଜି ସେମିରେ ଆଫଗାନିସ୍ତାନକୁ ଏକତରଫା ଭାବେ ହରାଇ ଦେଇଛି।

ଭାରତୀୟ ଅଣ୍ଡର ୧୯ ଟିମର ଅଧିନାୟକ ଲକ୍ଷ୍ୟ ରାଜେଶ ରାଏଚନ୍ଦାନି ସେମିରେ କରିଛନ୍ତି କମାଲ। ସେ ଶତକ ହାସଲର ଅତି ନିକଟରେ ଅଟକି ଯାଇଥିଲେ ହେଁ ଭାରତକୁ ଦେଇଛନ୍ତି ଫାଇନାଲ ଟିକେଟ। ଲକ୍ଷ୍ୟ ୯୦ ବଲରେ ଖେଳିଛନ୍ତି ୯୩ ରନର ଇନିଂସ। ବେବୀ ସେହୱାଗ ମଧ୍ୟ ୫୭ ବଲରେ ୫୧ ରନ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଭାରତ ୮ୱିକେଟରେ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି।

ଭାରତ ଦ୍ୱିତୀୟ ସେମି ଜିତି ଫାଇନାଲକୁ ଯାଉଥିବା ବେଳେ ପ୍ରଥମ ସେମିରେ ବାଜିମାତ କରିଛି ପାକିସ୍ତାନ। ଦଳ ଆଜି ବାଂଲାଦେଶକୁ ୯ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ତେଣୁ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଟ୍ରଫି ପାଇଁ ଟକ୍କର କରିବେ।

୨୦୨୫ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ମଧ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ଏହି ଫାଇନାଲରେ ପାକିସ୍ତାନ ବିଜୟୀ ହୋଇଥିଲା। ଏହାପରେ ଚଳିତ ବର୍ଷ ଏସିଆ କପର ଗ୍ରୁପ ପର୍ଯ୍ୟାୟରେ ମଧ ଭାରତକୁ ନାଟକୀୟ ଢଙ୍ଗରେ ହରାଇବାକୁ ସକ୍ଷମ ହୋଇଛି ପାକିସ୍ତାନ। ତେଣୁ ଶନିବାର ଭାରତ ପାଖରେ ଡବଲ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ରହିବ।

ଆଜିର ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରୁଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୨୭ ରନ କରିଥିଲା। ଦଳ ପକ୍ଷରୁ ନୋମାନ ସାଲାରଜାଇ ସର୍ବାଧିକ ୫୧ ରନ କରିଥିବା ବେଳେ ଅଧିନାୟକ ସୋହଲେ ଖାନ ଶେଷ ଭାଗରେ ୪୪ ବଲରେ ଖେଳିଥିଲେ ଅପରାଜିତ ୩୬ ରନର ଇନିଂସ।




ଭାରତ ପକ୍ଷରୁ ଈଶାନ ସୁଦ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଆର୍ଯ୍ୟନ ସାବସାନି ୨ଟି, କାବ୍ୟା ପଟେଲ, ଯଶବର୍ଦ୍ଧନ ଚୌହାନ ଓ ଅର୍ଜୁନ ରାଜପୁତଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

ଫାଇନାଲ ଟିକେଟ ପାଇଁ ୨୨୮ ରନର ଟାର୍ଗେଟ ପାଇଥିବା ଭାରତ ପାଇଁ କମାଲ କରିଥିଲେ ଅଧିନାୟକ ଲକ୍ଷ୍ୟ ଓ ୟୁଏଇ ବିପକ୍ଷରେ ୧୬୦ ରନର ଇନିଂସ ଖେଳିଥିବା ଆର୍ଯ୍ୟବୀର ସେହୱାଗ। ଲକ୍ଷ୍ୟ ଚଳିତ ଏସିଆ କପରେ କ୍ରମାଗତ ଫେଲ ମାରୁଥିବା ବେଳେ ଆଜି ସେମିରେ ନିଜର ଜଲୱା ଦେଖାଇଥିଲା।

ସେ କ୍ରମାଗତ ଚୌକା ମାରି ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଆର୍ଯ୍ୟବୀର ମଧ ସ୍ପିନରଙ୍କୁ ଗୋଟିଏ ପରେ ଗୋଟିଏ ଛକା ମାରିଥିଲେ। ୫୬ ବଲରେ ସେ ଛକା ମାରି ନିଜର ଅର୍ଦ୍ଧଶତକ ହାସଲ କରିବା ପରେ ନୁର ଅଲୀ ନିଆଜିଙ୍କ ବଲରେ କ୍ୟାଚ ଆଉଟ ହୋଇଯାଇଥିଲେ। ଆର୍ଯ୍ୟବୀର ନିଜ ଇନିଂସରେ ୪ଟି ଛକା ଓ ୪ଟି ଚୌକା ମାରିଛନ୍ତି।

ପ୍ରଥମ ୱିକେଟ ପାଇଁ ସେ ଲକ୍ଷ୍ୟଙ୍କ ସହ ମିଶି ୧୭ ଓଭରରେ ୧୧୭ ରନ ଯୋଡ଼ିବା ପରେ ପ୍ୟାଭିଲିୟନ ଫେରିଥିଲେ। ଆର୍ଯ୍ୟବୀର ଆଉଟ ହୋଇଥିଲେ ହେଁ ଲକ୍ଷ୍ୟ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ନଥିଲେ। ସେ ଭିକେ ବିନୀତଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଦଳୀୟ ସ୍କୋର ୧୯୪ ଥିବା ବେଳେ ବ୍ୟକ୍ତିଗତ ୯୩ ରନରେ ପହଞ୍ଚି ଯାଇଥିଲେ ଲକ୍ଷ୍ୟ। କିନ୍ତୁ ସେ ବଡ଼ ଶଟ ଖେଳିବାକୁ ଯାଇ ଆଫଗାନ ଅଧିନାୟକ ସୋହେଲ ଖାନଙ୍କ ବଲରେ ଆଉଟ ହୋଇ ଯାଇଥିଲେ। ଏହି ୯୩ ରନର ଇନିଂସରେ ସେ ୧୩ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଲକ୍ଷ୍ୟ ଆଉଟ ହେବା ସମୟରେ ବିନୀତ ୩୭ ରନରେ ପହଞ୍ଚି ଯାଇଥିଲେ। ତାଙ୍କୁ ସାଥ ଦେବାକୁ ଏହି ସମୟରେ ଆସିଥିଲେ ଯଶବର୍ଦ୍ଧନ ଚୌହାନ। ଉଭୟ ଦମଦାର ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ବିନୀତ ମଧ ଚଳିତ ଏସିଆ କପରେ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଶେଷରେ ସେ ନୁରଙ୍କୁ ଛକା ମାରି ବିଜୟ ମୁଣ୍ଡି ମାରିଥିଲେ। ବିନୀତ ଶେଷ ଯାଏ ୬୨ ବଲରେ ୫୭ ଓ ଯଶବର୍ଦ୍ଧନ ୧୬ ରନ କରି ଅପରାଜିତ ରହିଥିଲେ। ଭାରତ ୮ ୱିକେଟରେ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି।

ଏସଏଚଆର ମାଲିକାଣୀ କାବ୍ୟାଙ୍କ ହାତ ଧରିଲେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ



ହାଇଦ୍ରାବାଦ,୧୨।୧୧: ଆଇପିଏଲ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦର ସହ-ମାଲିକାଣୀ କାବ୍ୟା ମାରାନ ଶେଷରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦରଙ୍କୁ ବିବାହ କରିଛନ୍ତି। ଗ୍ରୀସରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ବିବାହ ଉତ୍ସବରେ ସୁପରଷ୍ଟାର ରଜନୀକାନ୍ତ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍‌କେଷ୍ଟାଲିନଙ୍କ ସହ ବହୁ ବଡ଼ ବଡ଼ ସେଲିବ୍ରିଟିଙ୍କୁ ଦେଖିବାକୁ ମିଳିଥିଲା। ଉଭୟ ବିବାହ ପାଇଁ କ୍ୟାଲେଣ୍ଡରର ଏକ ଅଦ୍ଭୁତ ତାରିଖକୁ ଚୟନ (୧୧/୧୧) କରିଥିଲେ। ଆସନ୍ତା ୨୧ ତାରିଖରେ ଚେନ୍ନାଇରେ କାବ୍ୟା-ଅନିରୁଦ୍ଧଙ୍କ ବିବାହ ଭୋଜି ଆୟୋଜିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଯୋଶେପ ବିଜୟ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷରେ ଏଥିରେ ଯୋଗ ଦେବା ନେଇ କାବ୍ୟା ନିମନ୍ତ୍ରଣ ଜଣାଇଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ପଦରେ ରହିବାକୁ ଚାହୁଁନାହାନ୍ତି ଅକ୍ଷର ପଟେଲ

ନୂଆଦିଲ୍ଲୀ,୧୨।୧୧: ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଆଗାମୀ ଆଇପିଏଲ୍‌ରେ ଏହି ପଦ ଛାଡ଼ିବାକୁ ଆଗ୍ରହ ଦେଖାଇଛନ୍ତି। ଏହି ୩୨ ବର୍ଷୀୟ ଅଲ୍‌ରାଉଣ୍ଡରଙ୍କ ନେତୃତ୍ୱରେ ଦଳ ଗତ ଦୁଇ ଋତୁରେ ପ୍ଲେଅଫ୍ ଯାଇ ପାରି



ନଥିଲା। ତେଣୁ ସେ ଏହି ପଦରେ ରହିବାକୁ ଚାହୁଁନାହାନ୍ତି। ହେଲେ ଆସନ୍ତା ମାସରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆଇପିଏଲ୍ ମିନି-ନିଲାମକୁ ଦୃଷ୍ଟିରେ ରଖି ଡିସି ପରିଚାଳନା କର୍ତ୍ତୃପକ୍ଷ ଅକ୍ଷରଙ୍କୁ ରାଜି କରିବାକୁ ଚେଷ୍ଟା ଚଲାଇଛନ୍ତି।

୨୦୨୪ ଓ ୨୦୨୬ ଟ୍ୱେଣ୍ଟି-୨୦ ବିଶ୍ୱ ବିଜେତା ଦଳର ସଦସ୍ୟ ଥିବା ଅକ୍ଷର ଅନ୍ୟ ଫ୍ରାଞ୍ଚାଇଜିଠୁ ପ୍ରସ୍ତାବ ପାଇଥିଲେ ମଧ ଦିଲ୍ଲୀରେ ସହ ରହିଛନ୍ତି। କିନ୍ତୁ ନେତୃତ୍ୱ ଦାୟିତ୍ୱ ନେବାକୁ ଇଚ୍ଛୁକ ନାହାନ୍ତି। ତାଙ୍କ ସ୍ଥାନରେ ଦଳ ଋଷଭ ପନ୍ତ କିମ୍ବା କେଏଲ୍ ରାହୁଲଙ୍କୁ ଏହି ଦାୟିତ୍ୱ ଦେଇପାରେ। ପନ୍ତ ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ଏହି ଦଳର ନେତୃତ୍ୱ ନେଇଥିଲେ। ଗତ ଦୁଇ ଋତୁରେ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସରୁ ଖେଳିଥିଲେ। ଏବେ ପୁଣି ଥରେ ସେ ଦଳକୁ ଖେଳାଳି ଅଦଳବଦଳରେ ଫେରିଛନ୍ତି। ପଞ୍ଜାବ କିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ଥିବା ରାହୁଲ ୨୦୨୫ରେ ଦିଲ୍ଲୀର ନେତୃତ୍ୱ ନେବାକୁ ମନା କରି ଦେଇଥିଲେ।

ମ୍ୟାଚ୍ ଖେଳିବାକୁ ଅନୁମତି ପାଇଲେ ପନ୍ତ, ନ୍ୟୁଜିଲ୍ୟାଣ୍ଡ ଯିବେ

ନୂଆଦିଲ୍ଲୀ,୧୨।୧୧: ଋଷଭ ପନ୍ତଙ୍କୁ ନେଇ ଲାଗି ରହିଥିବା ସସପେନ୍ସରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ମ୍ୟାଚ୍ ଖେଳିବାକୁ ଫିଟନେସ ଟେଷ୍ଟରେ ପାସ କରିଛନ୍ତି ପନ୍ତ। ଆଜି ବେଙ୍ଗାଲୁରୁ ସ୍ଥିତି ସେଣ୍ଟର ଅଫ ଏକ୍ସିଲେନ୍‌ସେ(ସିଓଇ) ପକ୍ଷରୁ ପନ୍ତଙ୍କୁ ଫିଟ ଘୋଷଣା କରାଯାଇଛି।

ଆହତ ସମସ୍ୟା ଯୋଗୁ ଭାରତୀୟ ଟେଷ୍ଟ ଟିମ ସହ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିପାରି ନଥିଲେ ପନ୍ତ। ହେଲେ ଏବେ ସେ ଟେଷ୍ଟ ସିରିଜ ପୂର୍ବରୁ ଫିଟ୍ ହେବା ଭାରତୀୟ ଟିମକୁ ବଡ଼ ଆଶ୍ୱସ୍ତି ଦେଇଛି। ସେ ଫିଟ୍ ଘୋଷିତ ହୋଇଥିବାରୁ ଖୁବଶୀଘ୍ର ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲ୍ୟାଣ୍ଡକୁ ଉଡ଼ାଣ ଭରିବେ।

ଇରାନୀ କପରେ ରେଷ୍ଟ ଅଫ ଇଣ୍ଡିଆର ନେତୃତ୍ୱ ନେଉଥିବା ପନ୍ତ ଆହତ ସମସ୍ୟାରେ ପଡ଼ିଥିଲେ। ସେବେଠାରୁ ସେ ସିଓଇରେ ରିହ୍ୟାବ ଚଳାଇଥିଲେ। ନ୍ୟୁଜିଲ୍ୟାଣ୍ଡ ଟୁର ପାଇଁ ଯେତେବେଳେ ଟେଷ୍ଟ ସ୍କ୍ୱାଡ ଘୋଷଣା କରାଗଲା ସେତେବେଳେ ପନ୍ତଙ୍କ ନାଁ ପାଖରେ ଷ୍ଟାର ଚିହ୍ନ ରହିଥିଲା।ଏହାର ଅର୍ଥ ସେ ମ୍ୟାଚ୍ ଖେଳିବେ କି ନାହିଁ, ସେକଥା ତାଙ୍କ ଫିଟନେସ ଉପରେ ନିର୍ଭର କରିବ। ଏସବୁ ଭିତରେ ଭାରତୀୟ ଏ ଟିମ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ପନ୍ତ ଆହତ କାରଣରୁ ଏଥିରେ ସାମିଲ ହୋଇ ପାରି ନଥିଲେ।



ତଥାପି ସେ ଫିଟ ହେବାକୁ ପୂରା ଦମ ଲଗାଇ ଦେଇଥିଲେ। ନଭେମ୍ବର ୧୦ ଓ ୧୧ ତାରିଖରେ ପନ୍ତଙ୍କ ମ୍ୟାଚ୍ ଖେଳିବା ନେଇ ଫିଟନେସ ପରୀକ୍ଷା ଏକାସାଙ୍ଗରେ ହୋଇଥିଲା। ସେ ଏଥିରେ ପାସ୍ କରିଥିବାରୁ ଆଜି ସିଇଓ ତାଙ୍କୁ ବିଧିବଦ୍ଧ ଭାବେ ମ୍ୟାଚ୍ ଖେଳିବାକୁ ଅନୁମତି ଦେଇଛି। ତେଣୁ ସେ ଖୁବଶୀଘ୍ର ଭାରତୀୟ ଟେଷ୍ଟ ଟିମ ସହ ଯୋଗଦେବାକୁ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ।

ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୨ଦିନିଆ ଟେଷ୍ଟ ସିରିଜ ନଭେମ୍ବର ୧୯ରୁ ୱେଲିଙ୍ଗଟନରେ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ୱେଲିଙ୍ଗଟନରେ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ଏହି ମ୍ୟାଚ୍‌ଟି ନଭେମ୍ବର ୨୭ରୁ ଡିସେମ୍ବର ୧ ଯାଏ ଚାଲିବ।

ଜାପାନ ମାଷ୍ଟର୍ସ: କ୍ୱାର୍ଟରରେ ଲକ୍ଷ୍ୟ, ଶ୍ରୀକାନ୍ତ

ଟୋକିଓ,୧୨।୧୧: ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ଓ କିଦାମ୍ବି ଶ୍ରୀକାନ୍ତ ଚଳିତ ଜାପାନ ମାଷ୍ଟର୍ସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଲକ୍ଷ୍ୟ ୨୧-୮, ୨୧-୧୪ରେ ଚୀନ୍‌ର ଡୋଙ୍ଗ ତିଆନ୍ ଯାଓଙ୍କୁ ପରାସ୍ତ କରିଥିଲେ। ଜର୍ମାନୀରେ ହାଇଲୋ ଓପନ୍ ଜିତିଥିବା ୨୫ ବର୍ଷୀୟ ଲକ୍ଷ୍ୟ ପରବର୍ତ୍ତୀ ରାଉଣ୍ଡରେ ଚତୁର୍ଥ ମାନ୍ୟତାପ୍ରାପ୍ତ କାନାଡାର ଭିକ୍ଟର ଲାଇଙ୍କୁ ଭେଟିବେ। ଅନ୍ୟଏକ ପୁରୁଷ ଏକକ ମୁକାବିଲାରେ ଶ୍ରୀକାନ୍ତ ୨୧-୧୫, ୧୧-୨୧, ୨୧-୧୮ରେ ପଞ୍ଚମ ମାନ୍ୟତାପ୍ରାପ୍ତ ଜାପାନର କୋଡାଇ ନାରୋଓକାଙ୍କୁ ହରାଇଛନ୍ତି। ତେବେ ଭାରତୀୟ ମହିଳା ଯୁଗଳ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ପୁରୁଷ ଯୁଗଳ ଯୋଡ଼ି ହରିହରନ ଆମସାକାରୁନାନ୍ ଓ ଏମ୍‌ଆର୍ ଅର୍ଜୁନ ନିଜ ନିଜ ମ୍ୟାଚ୍ ହାରି ବିଦାୟ ନେଇଛନ୍ତି। ବିଶ୍ୱ କାଂସ୍ୟ ବିଜୟିନୀ ତ୍ରିଶା ଓ ଗାୟତ୍ରୀ ୧୪-୨୧, ୧୪-୨୧ରେ ଜାପାନର ରିନ ଇୱାନାଗା ଓ କିଏ ନାକାନିଶିଙ୍କଠୁ ଏବଂ ହରିହରନ ଓ ଅର୍ଜୁନ ୧୪-୨୧, ୧୪-୨୧ରେ ସ୍ଥାନୀୟ ଯୋଡ଼ି ଆରୋନ ଚିଆ ଓ ସୋ ୱେଇଙ୍କଠୁ ପରାସ୍ତ ହୋଇଛନ୍ତି।



Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର